# ପ୍ରସ୍ତାବରେ ଅଟକିଛି ଯାଜପୁରରୋଡ଼-ଯଶିପୁର ରେଳପଥ

**ଯାଜପୁର,୨୨।୮(ହର୍ଷବର୍ଦ୍ଧନ ବେହେରା):**



ଯାଜପୁର ରୋଡ଼ଠାରୁ ଯଶିପୁର ୧୫୧.୫୭୦ କି.ମି. ବିଶିଷ୍ଟ ପ୍ରସ୍ତାବିତ ରେଳପଥ ପ୍ରକଳ୍ପ ଯାଜପୁର ଓ ମୟୂରଭଞ୍ଜ ଜିଲା ପ୍ରଶାସନର ଟ୍ରାଫିକ ତଥ୍ୟ ନ ମିଳିବା ଯୋଗୁ ପ୍ରାୟ ୮ ବର୍ଷ ହେଲା ଝୁଲି ରହିଛି। ପୂର୍ବତଟ ରେଳପଥ ପକ୍ଷରୁ ଚିଫ୍ ଅପରେଶନ ମ୍ୟାନେଜର ଡି.ଆର. ପଲ ଦେଇଥିବା ସୂଚନା ଅଧିକାର ଆଇନ(ଆରଟିଆଇ) ତଥ୍ୟରେ ଏହା ସ୍ପଷ୍ଟ ହୋଇଛି। ଏଥିଯୋଗୁ ଏହି ନୂତନ ରେଳ ପ୍ରକଳ୍ପର ପ୍ରସ୍ତାବିତ ୧୫ଟି ରେଳ ଷ୍ଟେଶନର ଅଞ୍ଚଳବାସୀ ରେଳ ସୁବିଧା ପାଇବାରୁ ବଞ୍ଚିତ ରହିଛନ୍ତି ବୋଲି ମତପ୍ରକାଶ ପାଇଛି। ଏହି କ୍ରମରେ ଯାଜପୁର ରୋଡ଼ଠାରୁ ପୂର୍ବକୁ ଧାମରା ଏବଂ ପଶ୍ଚିମକୁ ଯଶିପୁର ପର୍ଯ୍ୟନ୍ତ ନୂତନ ରେଳପଥ ପ୍ରସ୍ତାବରେ ସୀମିତ ରହିଛି। ଏହାସହ ଯଶିପୁରକୁ ରେଳପଥ ନିର୍ମାଣ ହେଲେ ଯାଜପୁର ରୋଡ଼ ରେଳଷ୍ଟେଶନକୁ ଡିଭିଜନ ମାନ୍ୟତା ଦାବି ଆହୁରି ସହଜ ହୋଇପାରିବ ବୋଲି ଆଶା କରାଯାଇଛି।

ପୂର୍ବରୁ ଓଡ଼ିଶାରେ ୧୭ଟି ରେଳ ପ୍ରକଳ୍ପ ସର୍ଭେ ପ୍ରକ୍ରିୟାରେ ଲଟକିଛି ବୋଲି ଆରଟିଆଇ ତଥ୍ୟରୁ ଜଣାପଡିଥିଲା। ବହୁ ବର୍ଷ ଧରି ସର୍ଭେ ଚାଲିଛି ବୋଲି ସୂଚନା ମିଳିଥିବାବେଳେ ସର୍ଭେ କେବେ ସରିବ, ଚୂଡ଼ାନ୍ତ ରିପୋର୍ଟକୁ ଅନୁମୋଦନ କେବେ ମିଳିବ ଏବଂ ରେଳ କାର୍ଯ୍ୟ ଆରମ୍ଭ ହେବା ନେଇ ସଂପୃକ୍ତ ଅଞ୍ଚଳବାସୀ ଆଶା ଆଶଙ୍କାରେ ରହିଛନ୍ତି। ଏହାବାଦ୍ ଯାଜପୁର ରୋଡ଼-ଧାମରା ରେଳ ପ୍ରକଳ୍ପକୁ ମଞ୍ଜୁରୀ ମିଳି ସାରିଥିଲେ ହେଁ ଗତ ବଜେଟ୍‌ରେ ସ୍ଥାନ ମିଳିନାହିଁ। ଏହି କ୍ରମରେ ଯାଜପୁର ରୋଡ଼-ଯଶିପୁର ପ୍ରସ୍ତାବିତ ରେଳ ପ୍ରକଳ୍ପ ଅନିଶ୍ଚିତତା ମଧ୍ୟରେ ଗତି କରୁଛି। ଆରଟିଆଇରୁ ମିଳିଥିବା ତଥ୍ୟ ଅନୁଯାୟୀ, ଏହି ପ୍ରକଳ୍ପ ପାଇଁ ୨୬୫୫ କୋଟି ୯୪ ଲକ୍ଷ ୩୦ ହଜାର ୩୨୯ ଟଙ୍କା ବ୍ୟୟ ଅଟକଳ ରଖାଯାଇଛି। ଏହି ରେଳଲାଇନ ପ୍ରକଳ୍ପ ଯାଜପୁର, ମୟୂରଭଞ୍ଜ ଓ କେନ୍ଦୁଝର ଜିଲା ଦେଇ ନିର୍ମାଣ କରାଯିବାର ପ୍ରସ୍ତାବ ରହିଛି। ତେବେ ରେଳ ଲାଇନ ପ୍ରକଳ୍ପରେ ଟ୍ରାଫିକ ଡାଟା ପାଇଁ ମୟୂରଭଞ୍ଜ, କେନ୍ଦୁଝର ଓ ଯାଜପୁର ଜିଲାପାଳଙ୍କୁ ୬।୧୦।୨୦୧୫, ୭।୧୨।୨୦୧୫, ୯।୩।୨୦୧୬ ଓ ୧।୬।୨୦୧୬ରେ ଅନୁରୋଧ କରାଯାଇଥିଲା। ଏହାସହ ୭।୪।୨୦୧୬ ଓ ୩୦।୮।୨୦୧୬ରେ ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗର ସଚିବଙ୍କୁ ମଧ୍ୟ ଟ୍ରାଫିକ ଡାଟା ପ୍ରଦାନ କରିବାକୁ ପତ୍ର ଦିଆଯାଇଥିଲା। ହେଲେ ଏଯାଏ କେନ୍ଦୁଝର ଜିଲାପାଳଙ୍କୁ ବାଦ୍ ଦେଲେ ଅନ୍ୟ ଦୁଇ ଜିଲାପାଳଙ୍କଠାରୁ ଟ୍ରାଫିକ ଡାଟା ଦାଖଲ ହୋଇ ପାରିନାହିଁ।

- ୮ ବର୍ଷ ହେଲା ଟ୍ରାଫିକ ଡାଟା ପାଇଁ ଝୁଲି ରହିଛି ପ୍ରସ୍ତାବିତ ପ୍ରକଳ୍ପ
- ମୟୂରଭଞ୍ଜ, ଯାଜପୁର ଜିଲା ପ୍ରଶାସନ ଦେଇନି ଟ୍ରାଫିକ୍ ଡାଟା

କେନ୍ଦୁଝର ଜିଲାପାଳଙ୍କ ପକ୍ଷରୁ ଦାଖଲ ହୋଇଥିବା ଟ୍ରାଫିକ୍ ଡାଟାରେ ଚାଉଳ, ସାର, କ୍ରୋମାଇଟ ଇତ୍ୟାଦି ବାର୍ଷିକ ୧୨ ଲକ୍ଷ ୪୫ ହଜାର ଟନ୍ ପରିବହନ ହେବ। ତେବେ ସର୍ଭେ ରିପୋର୍ଟ ଅନୁସାରେ ମୟୂରଭଞ୍ଜ ଜିଲାର ଯଶିପୁର ନିକଟ ଗୋରୁମହିଷାଣି, ବାଦାମପାହାଡ଼ ଓ ସୁଲେଇପାଟ ଅଞ୍ଚଳରୁ ବାର୍ଷିକ ପ୍ରାୟ ୧୦ ଲକ୍ଷ ଟନ୍ ଲୁହାପଥର ପରିବହନ ହେବାର ସମ୍ଭାବନା ରହିଛି। କିନ୍ତୁ ମୟୂରଭଞ୍ଜ ଜିଲାପାଳଙ୍କ ନିକଟରୁ ଟ୍ରାଫିକ ଡାଟା ଏଯାଏ ମିଳି ପାରିନାହିଁ। ଏହି ନୂତନ ପ୍ରସ୍ତାବିତ ରେଳ ପ୍ରକଳ୍ପରେ ଯାଜପୁର ରୋଡ଼, ରଗଡ଼ି ରୋଡ, ଲୁଣାହାର, ଆନନ୍ଦପୁର, କଣ୍ଟିପାଳ, ବଲତନା, ସୋଲକୋସରା, ବଣିଆଯୋଡି, ଭୋଦବାଡି, ବାଙ୍ଗିରୀପୋଷି, କେନ୍ଦୁଝର, ଝରାସାହି, ନାକୁର, ଅଙ୍ଗରପଦା, ଯଶିପୁର ଷ୍ଟେଶନ ରହିଛି। ଖଣି ପରିବହନ ସମ୍ଭାବନା ଥିବା ଏହି ରେଳ ପ୍ରକଳ୍ପକୁ କାହିଁକି ରାଜ୍ୟ ସରକାରଙ୍କ ପ୍ରଶାସନିକ ଅବହେଳା କରାଯାଇଛି ତାହା ସାଧାରଣରେ ପ୍ରଶ୍ନ ଉଠିଛି। ଏହାବାଦ୍ ଯାଜପୁରରୋଡ ଷ୍ଟେଶନଠାରୁ ଧାମରା ଭାୟା ଯାଜପୁର ଓ ଆରଡି ୯୬ କି.ମି.ରେଳପଥର ଫାଇନାଲ ଲୋକେଶନ ସର୍ଭେ (ଏଫଏଲ୍‌ଏସ୍)କୁ ମଞ୍ଜୁରୀ ମିଳି ସାରିଛି। ଡିଟେଲ ପ୍ରୋଗ୍ରେସ ରିପୋର୍ଟ(ଡିପିଆର) ପ୍ରସ୍ତୁତ ହୋଇ ସାରିଛି। ହେଲେ ରେଲଓ୍ୱେ ବୋର୍ଡର ଏଯାଏ ଡିପିଆର ଉପରେ କୌଣସି ଅନୁମୋଦନ ମିଳି ନ ଥିବା ସୂଚନା ମିଳିଛି। ପ୍ରସ୍ତାବିତ ଏହି ଦୁଇ ରେଳପଥ ନିର୍ମାଣ ଉପରେ ରେଲଓ୍ୱେ ବୋର୍ଡ ତତ୍ପରତା ପ୍ରକାଶ ନ କଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ବିଭିନ୍ନ ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।

# ପୂର୍ବ ଶତ୍ରୁତାରୁ ଦମ୍ପତିଙ୍କୁ ଆକ୍ରମଣ



ଆକ୍ରମଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିବାକୁ ଆସିଥିବା ବ୍ୟକ୍ତିବିଶେଷ।

**ପାଣିକୋଇଲି,୨୨।୮(ବିକାଶ ମଲ୍ଲିକ):**

ପାଣିକୋଇଲି ଥାନା ଅନ୍ତର୍ଗତ ତଣ୍ଡରା ପଞ୍ଚାୟତ ବରେଇ ଗ୍ରାମରେ ପୂର୍ବ ଶତ୍ରୁତାକୁ ନେଇ ଦମ୍ପତିଙ୍କୁ ଆକ୍ରମଣ ହୋଇଛି। ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ଗ୍ରାମର କିଶୋର ମଲିକଙ୍କ ସ୍ତ୍ରୀ ମନିଷା ମଲିକଙ୍କ ଅଭିଯୋଗ ମୁତାବକ, ଗତ ମଙ୍ଗଳବାର ସନ୍ଧ୍ୟାରେ ଗ୍ରାମର ଟିଂକିଆ ସାହୁ, ଭାଇ ପ୍ରକାଶ ସାହୁ, ପୁଅ ଚନ୍ଦନ ସାହୁ ମିଳିତ ଭାବେ ଘରେ ପଶି ତାଙ୍କୁ ଗାଳିଗୁଲଜ କରିଥିଲେ। ଟିଂକିଆ ଏକ ଭୁଜାଲିରେ କିଶୋରଙ୍କ ଛାତିକୁ ଆକ୍ରମଣ କରିଥିଲେ। ମନିଷାଙ୍କୁ ମାରପିଟ କରିବା ସହ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିଥିଲେ। କିଶୋର ଏବେ ଗୁରୁତର ହୋଇ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମରଣସହ ସଂଗ୍ରାମ କରୁଛନ୍ତି। ଅଭିଯୁକ୍ତମାନେ ଜୀବନରୁ ମାରିଦେବାର ଧମକ ଦେଉଛନ୍ତି। ତେଣୁ ମନିଷାଙ୍କ ପରିବାର ନିଜକୁ ସୁରକ୍ଷିତ ମଣୁନାହାନ୍ତି। ତାଙ୍କ ପରିବାରର ଜୀବନ ପ୍ରତି ବିପଦ ଥିବାରୁ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି। ଅନ୍ୟପକ୍ଷରେ ଦଳିତ ଯୁବକଙ୍କୁ ଆକ୍ରମଣ ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୂଳନିବାସୀ ୟୁନାଇଟେଡ ଫୋରମର କାର୍ଯ୍ୟକାରୀ ସଭାପତି ମନୋରଂଜନ ଜେନାଙ୍କ ନେତୃତ୍ୱରେ ଜିଲା ସଭାପତି ଆର୍ତ୍ତତ୍ରାଣ ମଲିକ, ସସ୍ମିତା ଜେନା, ଯଶୋବନ୍ତ ମଲିକ, ବାପି ଜେନା, ରମେଶ ମଲିକ, ମାୟାଧର ମଲିକ, ମିନତୀ ମଲିକ ପ୍ରମୁଖ ଥାନାଧିକାରୀ ରଞ୍ଜନ କୁମାର ପ୍ରଧାନଙ୍କୁ ଭେଟି ଦାବି କରିଛନ୍ତି।

# ପ୍ରିୟବ୍ରତଙ୍କୁ ରାଜୀବ ଗାନ୍ଧୀ ପ୍ରତିଭା ସମ୍ମାନ

**ବଡ଼ଚଣା,୨୨।୮ (ଦିଲୀପ କୁମାର ମହାନ୍ତି):**

ଚଣ୍ଡିଖୋଲସ୍ଥିତ ବାବା ଭୈରବାନନ୍ଦ ମହାବିଦ୍ୟାଳୟର ଛାତ୍ର ପ୍ରିୟବ୍ରତ ଜେନା(ରାହୁଲ)ଙ୍କୁ ଜାତୀୟ ସେବା ଯୋଜନାର ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଛି। ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ଭୁବନେଶ୍ୱର ଜୟଦେବ ଭବନଠାରେ ଆୟୋଜିତ କାଯ୍ୟକ୍ରମରେ ରାଜୀବ ଗାନ୍ଧୀ ଛାତ୍ର ଫୋରମ ପକ୍ଷରୁ ପ୍ରିୟବ୍ରତଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ପ୍ରିୟବ୍ରତ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଜିଲା ତଥା ରାଜ୍ୟରେ ନିଜର ପ୍ରତିଭା ପ୍ରଦର୍ଶନ କରି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ହୋଇଛନ୍ତି। ଏପରିକି ଚାରାରୋପଣ, ନାରୀ ସଶକ୍ତୀକରଣ, ରକ୍ତ ଦାନ ସହ ସଙ୍ଗୀତ ଓ କ୍ରୀଡ଼ାରେ ମଧ୍ୟ ବେଶ ଯଶ ରଖିଛନ୍ତି। ପାଖାପାଖି ୨୦ ଜିଲା ଓ ୬ ରାଜ୍ୟ ବୁଲି ଲୋକଙ୍କ ସେବା କରିଛନ୍ତି। ପୁରସ୍କାର ପାଇବା ପରେ ପ୍ରିୟବ୍ରତଙ୍କୁ ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପିକା, ଅଧ୍ୟାପକ, ପରିବାର ବର୍ଗ, ଟିମ ବଡ଼ଚଣାର ଅଧ୍ୟକ୍ଷ, ହରିପୁରର ଶ୍ରୀରାମ ନବମୀ କମିଟି ସଦସ୍ୟ, ମହାବୀର ଡ୍ରାମାଟିକ କ୍ଲବର ସଦସ୍ୟ ଓ ବହୁ ଛାତ୍ରୀଛାତ୍ର ଶୁଭେଚ୍ଛା ଜଣାଇଛନ୍ତି।



ବାବା ଭୈରବାନନ୍ଦ ମହାବିଦ୍ୟାଳୟର ଛାତ୍ର ପ୍ରିୟବ୍ରତ ଜେନାଙ୍କୁ ସମ୍ମାନିତ କରାଯାଉଛି।

# ହଜାର ହଜାର ହେକ୍ଟର ଜମି ଜଳମଗ୍ନ



ଚାଷୀମାନେ ବର୍ଷାଜଳ ନିଷ୍କାସନ ପାଇଁ ଜିଲାପାଳଙ୍କୁ ଦାବିପତ୍ର ଦେଉଛନ୍ତି।

**ଯାଜପୁର ଟାଉନ,୨୨।୮ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):**

ଯାଜପୁର ବ୍ଲକ୍‌ର ହଜାରହଜାର ହେକ୍ଟର ଚାଷ ଜମି ଜଳମଗ୍ନ ହୋଇଛି। ତେଣୁ ଚାଷ ଜମିରୁ ବର୍ଷାଜଳ ନିଷ୍କାସନ ପାଇଁ ଚାଷୀମାନେ ଗୁରୁବାର ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ବ୍ଲକ୍‌ର ମାର୍କଣ୍ଡପୁର, ମୋଗଲପୁର, ବଇଭୁଇଁ, ଛବାଟି, କରିମାବାଦ, ଧନିପୁର, ସାନସୁଆର ଓ ବଡସୁଆର ଗ୍ରାମର ହଜାରହଜାର ହେକ୍ଟର ଚାଷ ଜମି ବର୍ଷା ପାଣିରେ ବୁଡିରହିଛି। ଫଳରେ ଏହି ଜମିର ଧାନ ଫସଲ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଛି। ରାଜ୍ୟ ସରକାର ଚାଷୀମାନଙ୍କର ଆୟ ଦ୍ୱିଗୁଣା କରିବାକୁ ଅଣ୍ଟା ଭିଡିଥିବାବେଳେ ଏହି ଅଞ୍ଚଳର ଚାଷୀମାନେ ସମ୍ପୂର୍ଣ୍ଣ ଭାଙ୍ଗିପଡିଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ମାଧବାନନ୍ଦ ପରିଡା, ନିଗମ ବିଶ୍ୱାଳ, ଅକ୍ଷୟ ଜେନା, ଉମେଶ ପଡ଼ିହାରୀ, କାଳନ୍ଦୀ ସାହୁ, ରବି ଜେନା, ମାଧବ ଚରଣ ଦାସ, ସୁଧାଂଶୁ ପଡ଼ିହାରୀ, ଅଶୋକ ଦାସ, ଆଲୋକନାଥ ଶର୍ମା, ପ୍ରଭାତ କୁମାର ଦାସ ପ୍ରମୁଖ ଚାଷୀ ଜିଲାପାଳଙ୍କୁ ଭେଟି ନିବେଦନ କରିଛନ୍ତି।

## ବର୍ଷାଜଳ ନିଷ୍କାସନ ପାଇଁ ଜିଲାପାଳଙ୍କ ନିକଟରେ ଦାବି

# ପ୍ରଣବଙ୍କ ନାଁରେ ଜମି ଜବରଦଖଲ ଅଭିଯୋଗ

**କାଏମା,୨୨।୮(ଶିବପ୍ରସାଦ ମହାନ୍ତି):**

## ମାପଚୁପ ଆରମ୍ଭ କଲା ଧର୍ମଶାଳା ତହସିଲ ପ୍ରଶାସନ

ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ଗଙ୍ଗାଧରପୁର ପଞ୍ଚାୟତର ନୂଆଗାଁ ମୌଜାରେ ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ସରକାରୀ ଜମି ଜବରଦଖଲ କରିଥିବା ଅଭିଯୋଗ ହୋଇଛି। ଉକ୍ତ ଅଭିଯୋଗ ଆଧାରରେ ଗୁରୁବାର ତହସିଲ ପକ୍ଷରୁ ନାକପୋଲ ରାଜସ୍ୱ ନିରୀକ୍ଷକ ସୁନୀଲ ନାୟକ, ବଳରାମପୁର ଆର୍‌ଆଇ ଚନ୍ଦନ ସାହୁ, ନାକପୋଲ ସହକାରୀ ରାଜସ୍ୱ ନିରୀକ୍ଷକ ଜଗବନ୍ଧୁ ଜେନା, ଡଙ୍କାରି ରାଜସ୍ୱ ନିରୀକ୍ଷକ ମାନସ ବେଜ, ଅମିନ ହିତେଶ ସାମଲ ଓ ନିହାରକାନ୍ତ ବିଶ୍ୱାଳ ପ୍ରମୁଖ ପହଞ୍ଚି ମାପଚୁପ କରିଛନ୍ତି। ତେବେ ମାପଚୁପ ବିଷୟରେ ଠିକ୍ ତଥ୍ୟ ମିଳିପାରିନାହିଁ।

ଜମି ଜବରଦଖଲ ସମ୍ପର୍କରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ସମର୍ଥକ ଆଲୋକ ଲେଙ୍କା ଗତ ୧୪ ତାରିଖରେ ଯାଜପୁର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ନୂଆଗାଁ ମୌଜାରେ ଥିବା ଖାତା ନମ୍ବର ୧୯୨, ପ୍ଲଟ ନମ୍ବର ୮୦କୁ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ କଳ୍ପତରୁ ଦାସଙ୍କ ସମୟରେ ଗୋକର୍ଣ୍ଣେଶ୍ୱର ଚାରିଟେବୁଲ ଟ୍ରଷ୍ଟ ନାମରେ ପଞ୍ଜୀକୃତ କରାଯାଇଥିଲା। କିନ୍ତୁ କାଳକ୍ରମେ ପୂର୍ବତନ ବିଜେଡି ବିଧାୟକ ପ୍ରଣବ ସେଠାରେ ଥିବା ୫ ଏକରରୁ ଊର୍ଦ୍ଧ୍ୱ ସରକାରୀ ଜମି ଜବରଦଖଲ କରି ବିଜେଡି କାର୍ଯ୍ୟାଳୟ କରିଥିଲେ ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି। ଅନ୍ୟପକ୍ଷରେ ମାପଚୁପବେଳେ ଉପସ୍ଥିତ ଥିବା ଲୋକଙ୍କ ଭିନ୍ନଭିନ୍ନ ପ୍ରତିକ୍ରିୟା ମିଳିଛି। ସେମାନଙ୍କ ମଧ୍ୟରୁ ସ୍ଥାନୀୟ କଣିପାଟିଆ ଗ୍ରାମର ନିତ୍ୟାନନ୍ଦ ଦାସ କହିଛନ୍ତି, ଏଠାରେ ପୂର୍ବରୁ ଏକ ଫରେଷ୍ଟ ଅଫିସ ଥିଲା। କିନ୍ତୁ ସେ ସମୟରେ ନେତାମାନେ କ୍ଷମତାର ଅପବ୍ୟବହାର କରି ଏହାକୁ ଜବରଦଖଲ କରିଛନ୍ତି। ଏ ସମ୍ପର୍କରେ ପୂର୍ବତନ ବିଧାୟକ ପ୍ରଣବଙ୍କୁ ପଚାରିବାରେ ସେ କହିଛନ୍ତି, ଗୋକର୍ଣ୍ଣେଶ୍ୱର ଚାରିଟେବୁଲ ଟ୍ରଷ୍ଟ ତାଙ୍କ ନିଜର। ମାତ୍ର ତାଙ୍କର କୌଣସି ଜାଗା ମାପଚୁପ କରାଯାଇନାହିଁ। ଯେଉଁ ସରକାରୀ ଜାଗାର ସ୍ଥିତି ଉପରେ ମାପଚୁପ କରାଯାଇଥିଲା, ଏଥିପାଇଁ ଅନ୍ୟ ୨୪ଜଣଙ୍କୁ ନୋଟିସ କରାଯାଇଥିଲା। ତାଙ୍କୁ କୌଣସି ନୋଟିସ ହୋଇ ନ ଥିଲା।



ଜମି ମାପଚୁପ କରିବାକୁ ଆସିଥିବା ଅଧିକାରୀମାନେ।

# ପରିବେଶ ସୁରକ୍ଷା ପାଇଁ ଚାରାରୋପଣ

**ବିଞ୍ଝାରପୁର,୨୨।୮(ରାମକୃଷ୍ଣ ଦାସ):**

ବିଞ୍ଝାରପୁର ବ୍ଲକ୍ ପକ୍ଷରୁ ବିଶ୍ୱ ପରିବେଶ ଦିବସ ଅବସରରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହ ଅବସରରେ ବ୍ଲକ ପରିସରରେ ବିଡିଓ ବିବ୍ୟେନ୍ଦୁ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଚାରାରୋପଣ କରାଯାଇଛି। ଆଜିଦିନରେ ବିଶ୍ୱକୁ ବଞ୍ଚାଇବାକୁ ହେଲେ ବୃକ୍ଷର ଆବଶ୍ୟକତା ରହିଥିବା ବିଡିଓ ପ୍ରକାଶ କରିବା ସହ ଚାରାରୋପଣ କରି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ପ୍ରତିନିଧି କୈଳାସ ଚନ୍ଦ୍ର ସେଠୀ ମୁଖ୍ୟ ଭୂମିକା ନିବାହ କରିଥିଲେ। ସାମାଜିକ କର୍ମୀ ଶ୍ୟାମସୁନ୍ଦର ବେହେରା, କନିଷ୍ଠ ଯନ୍ତ୍ରୀ ଅମୂଲ୍ୟ ତ୍ରିପାଠୀ, ସରପଞ୍ଚ ନନ୍ଦକିଶୋର ମଲ୍ଲିକ ପ୍ରମୁଖଙ୍କ ଉଦ୍ୟମରେ ଚାରାରୋପଣ କରାଯିବା ସହ ଏହାର ସୁରକ୍ଷା ପାଇଁ ଉପଯୁକ୍ତ ପଦକ୍ଷପ ନେବାକୁ ସମସ୍ତେ ଶପଥ ଗ୍ରହଣ କରିଥିଲେ।



ବିଞ୍ଝାରପୁର ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଚାରା ରୋପଣ କରାଯାଉଛି।

# ବଜ୍ରପାତରେ ମହିଳା ମୃତ

**ବାଲେଶ୍ୱର, ୨୨।୮(ବାଞ୍ଛାନିଧି ଦେ)**

ବାଲେଶ୍ୱର ସଦର ଥାନା ପରିଖି ଫାଣ୍ଡି ଅଧୀନ ଶିରିଶାପଦା ଗ୍ରାମର ଜଣେ ମହିଳା ଗୁରୁବାର ବଜ୍ରପାତରେ ପ୍ରାଣ ହରାଇଛନ୍ତି। ମୃତ ମହିଳା ହେଲେ ବିକାଶ ଖିଲାରଙ୍କ ସ୍ତ୍ରୀ ମିଟୁ ଖିଲାର (୩୫)। ସେ ବିଲରେ କାମ କରୁଥିବା ବେଳେ ବଜ୍ରପାତର ଶିକାର ହୋଇଥିଲେ। ଗାଁ ଲୋକେ ତାଙ୍କୁ ଗୁରୁତର ଆହତ ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ନବୀନ ନୀଳକଣ୍ଠ ଉପ୍ରା ବିଦ୍ୟାଳୟ ଶିକ୍ଷକଶୂନ୍ୟ

**ରଗଡ଼ି,୨୨।୮(ଯତିଶ କୁମାର ମଲ୍ଲିକ):**



କୋରେଇ ବ୍ଲକ ଅନ୍ତର୍ଗତ ଅସନଝର ପଞ୍ଚାୟତ ସୋଲବନ୍ଦି ନବୀନ ନୀଳକଣ୍ଠ ଉପ୍ରା ବିଦ୍ୟାଳୟ ଶିକ୍ଷକ ଶୂନ୍ୟ ହୋଇପଡ଼ିଛି। ଫଳରେ ପିଲାଙ୍କ ପାଠପଢ଼ା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଗ୍ରାମବାସୀଙ୍କ ଉଦ୍ୟମରେ ୧୯୮୮ ମସିହାରେ ଏହି ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ପୂର୍ବରୁ ଏଠାରେ ସୋଲବନ୍ଦି ପ୍ରାଥମିକ ବିଦ୍ୟାଳୟ ଥିବାବେଳେ ଷଷ୍ଠ ଓ ସପ୍ତମ ଶ୍ରେଣୀ ଖୋଲିଥିଲା। ଫଳରେ ଗୋଟିଏ କ୍ୟାମ୍ପସରେ ଦୁଇଟି ବିଦ୍ୟାଳୟ ଚାଲୁଥିଲା। ଦୀର୍ଘଦିନ ଧରି ଛାତ୍ରୀଛାତ୍ରଙ୍କୁ ଏହି ସୁବିଧା ମିଳୁଥିଲା। ଉପ୍ରା ବିଦ୍ୟାଳୟ ସରକାରଙ୍କ ପୂର୍ଣ୍ଣ ସାହାଯ୍ୟପ୍ରାପ୍ତ (ଫୁଲଏଡେଡ) ମାନ୍ୟତା ଲାଭ କରିଥିଲା। ୫ ବର୍ଷ ତଳେ ସ୍କୁଲରେ କାର୍ଯ୍ୟରତ ସହକାରୀ ଶିକ୍ଷକ ଗୟାଧର ନାଥ ଅବସରଗ୍ରହଣ କରିଥିଲେ। ତେବେ ସ୍କୁଲରେ ଶିକ୍ଷକ ନିଯୁକ୍ତି ଦେବାର ନିୟମ ନ ଥିବାରୁ ଜଣେ ମାତ୍ର ଶିକ୍ଷକରେ ଶିକ୍ଷାଦାନ ଚାଲୁଥିଲା। ଗତ ଜୁଲାଇ ୩୧ରେ ପ୍ରଧାନଶିକ୍ଷକ ଥିବା ମନୋଜ କୁମାର ବାରିକ ଅବସର ଗ୍ରହଣ କରିଛନ୍ତି। ଫଳରେ ବିଦ୍ୟାଳୟ ଶିକ୍ଷକ ଶୂନ୍ୟ ହୋଇଛି। ଏବେ ସ୍କୁଲ୍‌ରେ ତାଲା ପଡ଼ିବା ସହ ଛାତ୍ରୀଛାତ୍ରଙ୍କ ଆସିବା ବନ୍ଦ ହୋଇଯାଇଛି। ଦୀର୍ଘ ୩୬ ବର୍ଷ ଧରି ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନର ଭରସା ପାଲଟିଥିବା ଏହି ସ୍କୁଲ ବନ୍ଦ ହୋଇଯିବାରୁ ଗ୍ରାମବାସୀ ଉପାୟ ଶୂନ୍ୟ ହୋଇପଡ଼ିଛନ୍ତି। ଏଠାକାର ଛାତ୍ରୀଛାତ୍ରଙ୍କୁ ୬ଷ୍ଠ ଓ ୭ମ ଶ୍ରେଣୀର ଶିକ୍ଷାଦାନ କରିବାକୁ ହେଲେ ଅତିକମରେ ୫ କିମିରୁ ଊର୍ଦ୍ଧ୍ୱ ଦୂରତାରେ ଥିବା ରାମକୃଷ୍ଣପୁର ସ୍କୁଲ ଉପରେ ନିର୍ଭର କରିବାକୁ ପଡ଼ିବ। ମାତ୍ର ଛୋଟ ପିଲା ଏତେ ବାଟ ଅତିକ୍ରମ କରି ଶିକ୍ଷାଦାନ କରିବାକୁ ଯିବା ସମସ୍ୟା ସୃଷ୍ଟି କରିଛି। ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଓ ସୁରକ୍ଷା ଦୃଷ୍ଟିରୁ ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟକୁ ଉନ୍ନୀତ କରାଯାଇ ଏଠାରେ ଉକ୍ତ ଦୁଇଟି ଶ୍ରେଣୀ ଖୋଲିବା ବ୍ୟବସ୍ଥା କରିବାକୁ ଗ୍ରାମବାସୀ, ସ୍କୁଲ ଶିକ୍ଷା କମିଟି ଜିଲା ଶିକ୍ଷାଧିକାରୀ ଏବଂ ମଣ୍ଡଳ ଶିକ୍ଷାଧିକାରୀଙ୍କ ନିକଟରେ ଦାବି କରିଛନ୍ତି।

# ପାଣିକୋଇଲି ମହାବିଦ୍ୟାଳୟରେ ଇପିଏଫ୍ ଯାଞ୍ଚ

**ପାଣିକୋଇଲି,୨୨।୮(ବିକାଶ ମଲ୍ଲିକ):**

ପାଣିକୋଇଲି ମା’ ତାରିଣୀ ମହାବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରମାନଙ୍କ ଭବିଷ୍ୟନିଧି ପାଣ୍ଠି(ଇପିଏଫ୍) ଆଦୌ ଜମା ନ ହେବା ନେଇ ଯାଞ୍ଚ କରାଯାଇଛି। ଗୁରୁବାର ଇପିଏଫ ଅଧିକାରୀ ଅକ୍ଷୟ କୁମାର ମହାପାତ୍ର କଲେଜରେ ପହଞ୍ଚି ବିଭିନ୍ନ କାଗଜପତ୍ର ଯାଞ୍ଚ କରିଛନ୍ତି। ତେବେ ୧ ମାସ ମଧ୍ୟରେ ଇପିଏଫ ଜମା କରିବାକୁ ମହାବିଦ୍ୟାଳୟ ଅଧ୍ୟକ୍ଷ ଲିଖିତ ଭାବେ ଜଣାଇଛନ୍ତି। ଯଦି ଏକ ମାସ ମଧ୍ୟରେ ଏହି କାର୍ଯ୍ୟ କରା ନ ଯାଏ ତାହେଲେ ମହାବିଦ୍ୟାଳୟ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅଧିକାରୀ ତାଗିଦ କରିଛନ୍ତି।

୧୯୯୦ରୁ ପାଣିକୋଇଲି ମା’ତାରିଣୀ ମହାବିଦ୍ୟାଳୟ ଆରମ୍ଭ ହୋଇଥିଲା। ୧୯୯୪ରେ ଏହାର ପଞ୍ଜୀକୃତ କରାଯାଇଥିଲା। ମାତ୍ର ଅଦ୍ୟାବଧି ଭବିଷ୍ୟନିଧି ପାଣ୍ଠିରେ ଟଙ୍କାଟିଏ ବି କୌଣସି ଅଧ୍ୟାପକ ଓ କର୍ମଚାରୀଙ୍କର ଜମା ହୋଇନି। ଏହା ମଧ୍ୟରେ ଅନେକ ଅବସର ନେଲେଣି। କିନ୍ତୁ ଅବଧି ପାଣ୍ଠି ଜମା ନ ହୋବର ରହସ୍ୟ ଜଣାପଡୁନି। ମହାବିଦ୍ୟାଳୟରେ ଯୁକ୍ତ ଦୁଇରେ ମୋଟ ୨୩, ଯୁକ୍ତ ତିନିରେ ୨୧ ଜଣ ଅଧ୍ୟାପକ ଓ କର୍ମଚାର ଥିବା ମହାବିଦ୍ୟାଳୟ ପକ୍ଷରୁ ଶ୍ରମ ବିଭାଗକୁ ଲିଖିତ ଭାବେ ଜଣାଯାଇଥିଲା। ସମସ୍ତ ଅଧ୍ୟାପକ ଓ ର୍ମଚାରୀଙ୍କ ଦରମା ଓ ମୋବାଇଲ ନମ୍ବର ଶ୍ରମ ବିଭାଗ ଗ୍ରହଣ କରିଥିଲା। ଶ୍ରମ ଅଧିକାରୀଙ୍କ ନିକଟରେ କିଛି ଅଧ୍ୟାପକ ଓ କର୍ମଚାରୀ ସେମାନଙ୍କ ଭବିଷ୍ୟତ ସହ ଖେଳଖେଳାଯାଉଥିବା ନେଇ ଅଭିଯୋଗ କରିଥିଲେ। ଗତ ୨୨ ତାରିଖ ଏନେଇ କଟକ ଶ୍ରମ ଓ ନିଯୋଜନ ବିଭାଗ ପକ୍ଷରୁ ମହାବିଦ୍ୟାଳୟକୁ ତଦନ୍ତ ପାଇଁ ଚିଠି କରାଯାଇଥିଲା। ତଦନୁଯାୟୀ ଅଧ୍ୟାପକ/କର୍ମଚାରୀଙ୍କ ଉପସ୍ଥିତି ଖାତା, ନିସ୍ତାରଣ ପତ୍ର, ଅଡିଟ ରିପୋର୍ଟ, କ୍ୟାସ ବୁକ ଓ ଡିପୋଜିଟ ଚାଲାଣ ଆଦି ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ନଚେତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଚିଠିରେ ଉଲ୍ଲେଖ କରାଯାଇଥିଲା।



ପାଣିକୋଇଲି ମା’ ତାରିଣୀ ମହାବିଦ୍ୟାଳୟରେ ଇପିଏଫ୍ ଅଧିକାରୀ ପହଞ୍ଚି ଯାଞ୍ଚ କରୁଛନ୍ତି।

**ଅଜଣା ରୋଗରେ ୯୪ ଆକ୍ରାନ୍ତ**

# ମାଣିକପାଟଣାରେ ପହଞ୍ଚିଲା ଜିଲା ସ୍ୱାସ୍ଥ୍ୟ ଟିମ୍

ଆଳି, ୨୨।୮ (ବନମାଳୀ ସେନାପତି)

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ମାଣିକପାଟଣା ପଞ୍ଚାୟତର ୧୩ ନଂ. ୱାର୍ଡରେ ଅଜଣା ରୋଗରେ ଲୋକମାନେ ଆକ୍ରାନ୍ତ ହେବା ଘଟଣା ଏବେ ସାମ୍ନାକୁ ଆସିବା ପରେ ଜିଲା ସ୍ୱାସ୍ଥ୍ୟ ବିଭାଗ ସଜାଗ ହୋଇଛି। ଏହି ୱାର୍ଡରେ ବସବାସ କରୁଥିବା ୯୦ରୁ ଊର୍ଦ୍ଧ୍ୱ ପରିବାରର ପ୍ରାୟ ୯୩ ଜଣ ସଦସ୍ୟ ଅଜଣା ରୋଗରେ ପୀଡିତ ହୋଇଥିଲେ। ଅଜଣା ରୋଗ ଫଳରେ ଲୋକମାନେ ଜ୍ୱର, ଆଣ୍ଠୁଗଣ୍ଠି ଦରଜ ସହ ଚଲାବୁଲା କରିବାରେ ବହୁ ମାତ୍ରାରେ ଯନ୍ତ୍ରଣା ପାଉଥିଲେ। ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପ୍ରଣବ କୁମାର ଶୁକ୍ଲାଙ୍କ ସହ ଏକ ଟିମ ୨ଦିନ ହେବ ମାଣିକପାଟଣାରେ ରହି ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ରୋଗୀମାନଙ୍କ ରକ୍ତ ନମୁନା ସଂଗ୍ରହ କରି ପରୀକ୍ଷା ନିମନ୍ତେ ପଠାଇଥିବା ଜଣାପଡ଼ିଛି। ଗୁରୁବାର କେନ୍ଦ୍ରାପଡ଼ା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ଟିମ ମାଣିକପାଟଣାର ୧୩ ନଂ. ୱାର୍ଡରେ ପହଞ୍ଚି ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ରକ୍ତ ନମୁନା ସଂଗ୍ରହ କରିଥିଲେ। ଏଥିସହ ଲୋକମାନଙ୍କୁ ସଚେତନ କରାଇଥିଲେ। ଜିଲା ସ୍ୱାସ୍ଥ୍ୟ ବିଭାଗର ଏହି ଟିମ୍‌ରେ ମହାମାରୀ ବିଶେଷଜ୍ଞ ଡ. ଅଶୋକ ସାହୁ, ମାଇକ୍ରୋ ବାୟୋଲୋଜିଷ୍ଟ ଡ. ସତ୍ୟରଞ୍ଜନ ମହାନ୍ତିଙ୍କ ସହ ଅନ୍ୟମାନେ ପହଞ୍ଚି ଗାଁରେ ଏକ ସଚେତନତା କାର୍ଯ୍ୟକ୍ରମ କରି ଲୋକମାନଙ୍କୁ ବିଭିନ୍ନ ସଂକ୍ରାମକ ରୋଗ ବିଷୟରେ ସଚେତନ କରିଥିଲେ। ଘରେ ଘରେ ବୁଲି ରୋଗ ବିଷୟରେ ପଚାରି ବୁଝିଥିଲେ। ଗୁରୁବାର ଜଣେ ନୂତନ ରୋଗୀ ଚିହ୍ନଟ ହୋଇଛନ୍ତି। ୧୪ ଜଣଙ୍କର ରକ୍ତ ନମୁନା ସଂଗ୍ରହ କରାଯାଇଥିଲା। ରକ୍ତ ନମୁନାକୁ ଡେଙ୍ଗୁ, ସ୍କ୍ରବ ଟାଇଫସ, ଇଉରିକ ଏସିଡ, ଇଉରିଆ କ୍ରେଏଟିନିନର ପରୀକ୍ଷା କରାଯିବ। ମେଡିକାଲ ପକ୍ଷରୁ ଗୋଟିଏ ଟିମ୍ ଗଠନ କରାଯାଇଛି। ଏହି ଟିମ ୭ ଦିନ ପର୍ଯ୍ୟନ୍ତ ସେଠାରେ ରହି ଘରକୁ ଘରେ ବୁଲି ଚିକିତ୍ସା ଯୋଗାଇଦେବେ। ଏହି ଟିମ୍‌ରେ ଜଣେ ଡାକ୍ତର, ଜଣେ ଫାର୍ମାସିଷ୍ଟ, ପୁରୁଷ ସ୍ୱାସ୍ଥ୍ୟକର୍ମୀ, ମହିଳା ସ୍ୱାସ୍ଥ୍ୟକର୍ମୀ, ଜଣେ ସୁପର ଭାଇଜର ରହିବେ ବୋଲି ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଶୁକ୍ଲା ସୂଚନା ଦେଇଛନ୍ତି।



ସ୍ୱାସ୍ଥ୍ୟ ଟିମ୍ ଗାଁରେ ପହଞ୍ଚି ରୋଗୀଙ୍କ ଚିକିତ୍ସା କରୁଛି।

# ଜବତ ୨ କୁଇଣ୍ଟାଲ କଙ୍କଡ଼ା ନଦୀରେ ଛଡ଼ାଗଲା

ରାଜନଗର, ୨୨।୮ (ଭାସ୍କର ରାଉତରାୟ)

ଭିତରକନିକା ଜାତୀୟ ଉଦ୍ୟାନ ଓ ଅଭୟାରଣ୍ୟ ଅଞ୍ଚଳରୁ ବେଧଡକ ଭାବେ କଙ୍କଡ଼ା ଧରାଯାଉଛି। ଜଙ୍ଗଲ ଭିତରୁ କଙ୍କଡା ଧରାଯାଇ ଏହାକୁ ପଶ୍ଚିମବଙ୍ଗ ଚାଲାଣ କରାଯାଉଛି। ପଶ୍ଚିମବଙ୍ଗରେ କଙ୍କଡା ଅଧିକ ମୂଲ୍ୟରେ ବିକ୍ରି ହେଉଥିବାରୁ ବର୍ତ୍ତମାନ କେତେଜଣ ଲୋକ ଜଙ୍ଗଲ ଭିତରୁ ବେଧଡକ ଭାବେ କଙ୍କଡା ଧରୁଛନ୍ତି। କେତେକ ସ୍ଥାନରେ ବନବିଭାଗର ସଲା ସୁତୁରାରେ କଙ୍କଡା ଧରାଯାଉଛି। ବାହାର ରାଜ୍ୟରେ କଙ୍କଡା ମୂଲ୍ୟ ଅଧିକ ଥିବାରୁ ବେପାରୀ ଅଧିକ ସକ୍ରିୟ ହୋଇପଡିଛନ୍ତି। ଗୁରୁବାର ଜମ୍ବୁ ରେଞ୍ଜ ଅନ୍ତର୍ଗତ ମହାକାଳପଡ଼ା କେନାଲ ବନ୍ଧରୁ ବନ ବିଭାଗ ଟିମ ୨ କୁଇଣ୍ଟାଲ କଙ୍କଡା ଜବତ କରିଥିଲା। ପରେ ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବଙ୍କ ନିର୍ଦ୍ଦେଶକ୍ରମେ ଜବତ କଙ୍କଡାକୁ ଭିତରକନିକାର ଜାତୀୟ ଉଦ୍ୟାନର କୃଷ୍ଣପ୍ରିୟାପୁର ଜଙ୍ଗଲରେ ପ୍ରବାହିତ ବାଉଁଶଗଡ଼ ନଦୀରେ ଛଡ଼ାଯାଇଛି। ଏସିଏଫ୍ ଗଗନ ବିହାରୀ ମଲ୍ଲିକ ଓ ଫରେଷ୍ଟର ମହନ୍ତ କୁମାର ମଲ୍ଲିକଙ୍କ ଉପସ୍ଥିତିରେ ଏହି ଜବତ କଙ୍କଡା ନଦୀରେ ଛଡ଼ା ଯାଇଛି।



# ଡିଲରଙ୍କୁ ୪ଘଣ୍ଟା ଅଟକ ରଖିଲେ ହିତାଧିକାରୀ

ରାଜକନିକା, ୨୨।୮ (ରବୀନ୍ଦ୍ର କୁମାର ଦାସ)

**ବକେୟା ରାଶନ୍ ଚାଉଳ ହେରଫେର, ହାବଲଗଣ୍ଡରେ ଉତ୍ତେଜନା**

ରାଜକନିକା ବ୍ଲକ ଅନ୍ତର୍ଗତ ପାରି ନୂଆପଡ଼ା ହାବଲଗଣ୍ଡ ପଞ୍ଚାୟତର ହାବଲଗଣ୍ଡ ପଟଣା ଗାଁରେ ବକେୟା ରାଶନ୍ ଚାଉଳ ହେରଫେର ଅଭିଯୋଗକୁ ନେଇ ଗୁରୁବାର ଉତ୍ତେଜନା ପ୍ରକାଶ ପାଇଛି। ହିତାଧିକାରୀଙ୍କ କହିବା ମୁତାବକ, ଡିଲର ରଜତ ନାୟକ ଚଳିତ ବର୍ଷ ମେ, ଜୁନ, ଜୁଲାଇ ମାସର ରାସନ ଚାଉଳ ହିତାଧିକାରୀ ମାନଙ୍କୁ ନଦେଇ ସେମାନଙ୍କର ଫିଙ୍ଗରପ୍ରିଣ୍ଟ ଓ ଆଇ ସ୍କାନ କରାଇ ନେଇଥିଲେ କିନ୍ତୁ ଏବେ ଅଗଷ୍ଟ ମାସର ଚାଉଳ ଦେବାପାଇଁ ହିତାଧିକାରୀମାନଙ୍କୁ ଡାକିବାରୁ ପୂର୍ବ ୩ମାସର ଚାଉଳ କେବେ ଦିଆଯିବ ବୋଲି ହିତାଧିକାରୀ ପ୍ରଶ୍ନ କରିଥିଲେ। ଡିଲର ହିତାଧିକାରୀମାନଙ୍କୁ ଭୁଆଁ ବୁଲାଇବାକୁ ଚେଷ୍ଟା କରିବାରୁ ହିତାଧିକାରୀ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଫଳରେ ସମ୍ପୃକ୍ତ ଡିଲରଙ୍କୁ ହିତାଧିକାରୀମାନେ ଘେରି ଯାଇ ୪ ଘଣ୍ଟା ଅଟକ ରଖିଥିଲେ। ପରେ ବ୍ଲକ ଯୋଗାଣ ନିରୀକ୍ଷକଙ୍କ ହସ୍ତକ୍ଷେପ କରିଥିଲେ। ଅପରାହ୍ନରେ ଚାଉଳ ପଠାଇବାକୁ ପ୍ରତିଶ୍ରୁତି ଦେବା ପରେ ହିତାଧିକାରୀମାନେ ଡିଲରଙ୍କୁ ଛାଡିଥିବା ସୂଚନା ମିଳିଛି। ତେବେ ଏହି ଘଟଣାର ସମାଧାନ ଓ ହିତାଧିକାରୀଙ୍କୁ ଚାଉଳ ପ୍ରାଦନ କରାଯାଇଥିବା ରାଜକନିକା ଯୋଗାଣ ନିରୀକ୍ଷକ ସୂଚନା ଦେଇଛନ୍ତି।



ପାରାଦୀପର ବରିଷ୍ଠ ଭଲିବଲ୍ କୋଚ ସଞ୍ଜୟ କୁମାର ଦାସଙ୍କୁ ରାଜ୍ୟ ସ୍ପୋର୍ଟସ ବିଭାଗ ପକ୍ଷରୁ ଭୁବନେଶ୍ୱରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଆଇକନିକ ଆୱାର୍ଡ ପ୍ରଦାନ କରାଯାଇଛି।

# ପାରାଦୀପ ବିଜେଡି ପକ୍ଷରୁ ଥାନା ଘେରାଉ



ପୌରାଧ୍ୟକ୍ଷା ଛବିଲତା ରାଉତଙ୍କୁ ଆକ୍ରମଣ କରିଥିବା ଅଭିଯୁକ୍ତମାନଙ୍କୁ ଗିରଫ ଦାବିରେ ପାରାଦୀପ ଆଦର୍ଶ ଥାନା ଆଗରେ ବିଜେଡି ନେତା ଓ କର୍ମୀମାନେ ବିକ୍ଷୋଭ କରୁଛନ୍ତି।

ପାରାଦୀପ, ୨୨।୮ (ଶରତ ରାଉତ)

**ପୌର ଉପାଧ୍ୟକ୍ଷାଙ୍କ ଘରେ ପଶି ଆକ୍ରମଣ ଘଟଣା**

- ଶାସକ ଦଳର ହାତ ଅଛି: ମୋନିଦୀପା

ପାରାଦୀପ ଆଦର୍ଶ ଥାନା ଅନ୍ତର୍ଗତ ଅଠରବାଙ୍କି ଲକ୍‌ପଡାରେ ରହୁଥିବା ପୌର ଉପାଧ୍ୟକ୍ଷା ଛବିଲତା ରାଉତ ଓ ତାଙ୍କ ସ୍ୱାମୀ ନରେନ୍ଦ୍ର ରାଉତଙ୍କ ଉପରେ ଗତ ୧୪ ତାରିଖ ରାତିରେ କେତେଜଣ ଦୁର୍ବୃତ୍ତ ଘରେ ପଶି ମରଣାନ୍ତକ ଆକ୍ରମଣ କରିଥିଲେ। ଉକ୍ତ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ପୋଲିସ ଏପର୍ଯ୍ୟନ୍ତ ଗିରଫ କରିନାହିଁ। ଏନେଇ ଗୁରୁବାର ସନ୍ଧ୍ୟାରେ ପାରାଦୀପ ବିଜେଡି ପକ୍ଷରୁ ପାରାଦୀପ ଆଦର୍ଶଥାନା ଆଗରେ ଘେରାଉ ଓ ପ୍ରତିବାଦ ସଭା କରାଯାଇଥିଲା। ଏଥିରେ ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ, ବିଜୁ ଶ୍ରମିକ ସାମ୍ମୁଖ୍ୟ ରାଜ୍ୟ ଉପ ସଭାପତି ମୋନିଦୀପା ସର୍ଖେଲ, ଶ୍ରମିକ ନେତା ଅରିନ୍ଦମ ସର୍ଖେଲ (ବାପି)ଙ୍କ ସମେତ ହଜାରରୁ ଅଧିକ ଲୋକ ଯୋଗ ଦେଇଥିଲେ କିନ୍ତୁ ଏଥିରେ ପାରାଦୀପ ନଗର ବିଜେଡି ସଭାପତି ତଥା ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ଅନୁପସ୍ଥିତି ଦେଖିବାକୁ ମିଳିଥିଲା। ଘଟଣା ସମ୍ପର୍କରେ ସମ୍ବିତ କୁହନ୍ତି, ବିଜେଡି ଶାସନରେ ଥିବା ସମୟରେ ପୋଲିସ କେବେ ଏପରି ଅବହେଳା କରୁ ନ ଥିଲେ। ସେହି ପ୍ରଶାସନ ଏବେ ହାତ ବାନ୍ଧି ବସିଛି। ଜଣେ ଜନପ୍ରତିନିଧି ତଥା ପଦାଧିକାରୀଙ୍କ ଘରେ ପଶି ମରଣାନ୍ତକ ଆକ୍ରମଣ କରିବା ସାଧାରଣ ଘଟଣା ନୁହେଁ। ଯଦି ଏମାନଙ୍କୁ ଆକ୍ରମଣ ହେଇପାରୁଛି, ତେବେ ସାଧାରଣ ଲୋକଙ୍କ କଥା କିପରି ଅନୁମାନ କରନ୍ତୁ। ମାତ୍ର ୨ ମାସରେ ସରକାର ଆଇନଶୃଙ୍ଖଳା ରକ୍ଷା କରିବାରେ ବିଫଳ ହୋଇଛନ୍ତି। ସେହିପରି ମୋନିଦୀପା କହିଥିଲେ, ଏଥିରେ ଶାସକ ଦଳର ହାତ ଅଛି। ନ ହେଲେ ୮ ଦିନ ହେଲାଣି ପୋଲିସ କାହିଁକି ଚୁପ୍ ବସିଛି। ଏହି ଘଟଣା ଉପରେ ଥାନାଧିକାରୀ ସୁଚିତ୍ରବୀର୍ଯ୍ୟ ଦାସ କୁହନ୍ତି, ସମ୍ପୃକ୍ତ ଅଭିଯୁକ୍ତମାନେ ଏବେ ଓଡ଼ିଶା ଛାଡି ବାହାରେ ବୁଲୁଛନ୍ତି। ଖୁବଶୀଘ୍ର ସେମାନଙ୍କୁ ଗିରଫ କରାଯିବ। ଏହି ଘଟଣାରେ ପୋଲିସ ମାମଲା(ନଂ.୨୦୨/୨୪) ରୁଜୁ କରିଛି।

# ପରିବାର ପକ୍ଷରୁ ଥାନାରେ ହତ୍ୟା ଅଭିଯୋଗ

ଡେରାବିଶ, ୨୨।୮ (ବେବର୍ତ୍ତା ଅଜୟ ଦାସ)

**କଳ କର୍ମଚାରୀଙ୍କ ନିଖୋଜ ମାମଲା**

- ସାଇଣ୍ଟିଫିକ୍ ଟିମ୍, ସନ୍ଧାନୀ କୁକୁର ସହ ପୋଲିସର ତଦନ୍ତ

ଡେରାବିଶ ଥାନା ଅନ୍ତର୍ଗତ ଗୋଲରାହାଟ ପଞ୍ଚାୟତ ଦୁମୁକା ଗ୍ରାମର ରାଜକିଶୋର ଦାଶ (୫୯) ଦିବ୍ୟାଙ୍ଗ ବ୍ୟକ୍ତିଙ୍କର ନିଖୋଜ ଘଟଣା ଇତିମଧ୍ୟରେ ୪ଦିନ ବିତିଗଲାଣି। ରାଜକିଶୋରଙ୍କ ଘରକୁ ନ ଫେରିବା ନେଇ ଥାନାରେ ବୁଧବାର ବିଳମ୍ବିତ ରାତିରେ ପରିବାର ପକ୍ଷରୁ ଏକ ହତ୍ୟା ଅଭିଯୋଗ କରାଯାଇଛି। ଅଭିଯୋଗକାରୀ ରାଜକିଶୋରଙ୍କ ବୋହୂ ଶୁଭସ୍ମିତା ରଥଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ଶ୍ୱଶୁର ରାଜକିଶୋର ସ୍ଥାନୀୟ ଦଧିବାମନଜୀଉ ମନ୍ଦିର ନିକଟରେ ଥିବା ପାରେଶ୍ୱର କରଙ୍କ ଚୁଡ଼ା କଳରେ ଦୀର୍ଘବର୍ଷ ଧରି ଜଣେ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। ଗତ ୧୯ ତାରିଖ ବିଳମ୍ବିତ ରାତିରେ ଅନ୍ୟ ଜଣେ ବ୍ୟକ୍ତିଙ୍କ ଦ୍ୱାରା ଚୁଡା କଳ ମାଲିକ ଫୋନ୍ ଯୋଗେ ତାଙ୍କ ଶ୍ୱଶୁର ଘରେ ପହଞ୍ଚିଲେଣି ନା ନାହିଁ ପଚାରିଥିଲେ। ଏହି ଫୋନ୍ ପାଇବା ପରେ ପାରେଶ୍ୱରଙ୍କ ଫୋନ୍ ନମ୍ବର ଆଣି ତାଙ୍କୁ ଫୋନ୍ କରିବାରୁ ରାଜକିଶୋର ସେହିଦିନ ସ୍ଥାନୀୟ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପତ୍ରାଜପୁରକୁ କୋଇଲା ପାଇଁ ଯାଇଥିଲେ, ଘରକୁ ଫେରିଲେଣି କି ନାହିଁ ଆମକୁ ପଚାରିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଏହି ଫୋନ୍ ପାଇବା ପରେ ଆମେ ଆଶ୍ଚର୍ଯ୍ୟ ହେବା ସହ ସ୍ୱାମୀ କିଶୋର ଓ ପରିବାର ଲୋକେ ପାରେଶ୍ୱରଙ୍କ ନିକଟକୁ ଯିବାରୁ ସେ କହିଲେ ତୁମେ ଓଳାଶୁଣି ଗୁମ୍ଫା ନିକଟକୁ ଯାଇ ରାଜକିଶୋରଙ୍କୁ ଖୋଜାଖୋଜି କର। ସେହିଦିନଠାରୁ ଆମ ପରିବାରର ବନ୍ଧୁ ସମ୍ପର୍କୀୟଙ୍କ ଘର ସହ ବିଭିନ୍ନ ସ୍ଥାନରେ ଶ୍ୱଶୁରଙ୍କୁ ଖୋଜାଖୋଜି କରୁଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ପାଉନାହୁଁ ବୋଲି ମଧୁସ୍ମିତା ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଅପରପକ୍ଷରେ ପାରେଶ୍ୱରଙ୍କୁ ଏ ବିଷୟରେ ପୁନର୍ବାର ଫୋନ୍ କରିବାରୁ ସେ ମଧୁସ୍ମିତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ଅଭିଯୋଗରେ ରହିଛି। ତେବେ ମୋ ଶ୍ୱଶୁରଙ୍କୁ କଳଘରେ ମାରି ଦେଇ କେଉଁଆଡ଼େ ପାରେଶ୍ୱର ଫୋପାଡ଼ି ଦେଇଥିବା ମଧୁସ୍ମିତା ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଅଭିଯୋଗ ପାଇବା ପରେ ପୋଲିସ ନଂ. ୧୧୩/୨୪ରେ ମାମଲା କରି ପାରେଶ୍ୱରଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ଏଥିସହ ଗୁରୁବାର ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳକୁ ଆସିବା ସହ ପୋଲିସ ସନ୍ଧାନୀ କୁକୁର ସହାୟତାରେ ଘଟଣାର ଖିଅ ଖୋଜୁଥିବା ଏବଂ ଏହି ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ପ୍ରଦୋଷ କୁମାର ପଟ୍ଟନାୟକ କହିଛନ୍ତି।

# ଚୋରା କୋଇଲା ସହ ପିକଅପ୍ ଭ୍ୟାନ ଜବତ

ରାଜକନିକା, ୨୨।୮ (ସଞ୍ଜୟ କୁମାର ଦାଶ)

**ସନ୍ଦେହରେ ରାଜକନିକା ପୋଲିସ**

ବେଆଇନ ଚୋର କୋଇଲା ବୋଝେଇ ପିକଅପ୍ ଭ୍ୟାନକୁ ରାଜକନିକା ଥାନା ଅଞ୍ଚଳ ତରିସ ଗାଁ ମୁଣ୍ଡରୁ ଗୁରୁବାର ଚାନ୍ଦବାଲି ପୋଲିସ ଜବତ କରି ଥାନାକୁ ନେଇଛି। ଚୋରା କୋଇଲା ଚାଲାଣ ବେଧଡ଼କ ଚାଲୁଥିବା ବେଳେ, ରାଜକନିକା ପୋଲିସ ଚୁପ କାହିଁକି ବୋଲି ସାଧାରଣ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ ପ୍ରତିଦିନ ଶତାଧିକ ପିକ୍‌ଅପ ଭ୍ୟାନ ଓ ଟ୍ରକ୍‌ରେ ଦୀର୍ଘଦିନ ହେବ ଭଦ୍ରକ ଜିଲା ଧାମରା ଅଞ୍ଚଳରୁ ଚୋରା କୋଇଲା ଚାଲାଣ ରାଜକନିକା ଥାନା ଅଞ୍ଚଳ ଦେଇ ବିଭିନ୍ନ ଜିଲାକୁ ଚାଲାଣ ଚାଲିଛି। ରାଜ୍ୟ ସରକାର ପରିବର୍ତ୍ତନ ହେବା ପରେ କିଛିଦିନ ହେବ ଚାନ୍ଦବାଲି ପୋଲିସ ଏହି ଚୋର କୋଇଲା ରୋକିବାକୁ ଚେକିଂ ଯୋରଦାର କରୁଛି। ହେଲେ ଏହି ଚୋର କୋଇଲା ଚାଲାଣରେ ମୋଟା ଅଙ୍କର ଟଙ୍କା ମିଳୁଥିବାରୁ ପୋଲିସକୁ ଚକମ ଦେବା ପାଇଁ ସକାଳ ୬ଟାରେ ଏହି ଗାଡି ଗୁଡିକ ଦ୍ରୁତଗତିରେ ଚାନ୍ଦବାଲି ଅଞ୍ଚଳ ଦେଇ ପାର ହେଉଛନ୍ତି। ଗୁରୁବାର ଏକ ଚୋର କୋଇଲା ବୋଝେଇ ପିକ୍‌ଅପ୍ ଭ୍ୟାନ ଦ୍ରୁତଗତିରେ ଚାନ୍ଦବାଲି ଥାନା ଅଞ୍ଚଳ ପାର ହେଉଥିବାବେଳେ, ପୋଲିସ ଗାଡିକୁ ଗୋଡ଼ାଇ ଥିଲେ। ଚୋର କୋଇଲା ବୋଝେଇ ପିକ୍‌ଅପ୍ ଭ୍ୟାନ ଗାଡିର ଚକା ଫାଟି ଯାଇଥିଲେ ବି, ରିମ୍ ସାହାଯ୍ୟରେ ଦ୍ରୁତଗତିରେ ଚଲାଇ ରାଜକନିକା ଅଞ୍ଚଳରେ ତରାସ ଗାଁ ନିକଟରେ ଗାଡି ଛାଡି ଡ୍ରାଇଭର ଫେରାର ହୋଇଯାଇଥିଲେ। ଏହି ଚୋରା କୋଇଲା ବୋଝେଇ ପିକଅପ୍ ଭ୍ୟାନ (ନଂ.ଓଡି ୨୨ ଡବ୍ଲୁ ୬୭୩୯)। ପୋଲିସ ଗାଡିଟିକୁ ଚାନ୍ଦବାଲି ଥାନାକୁ ନେଇଯାଇ ଅଧିକ ତଦନ୍ତ ଚଳାଇଛି। ହେଲେ ରାଜକନିକା ଅଞ୍ଚଳବାସୀଙ୍କ କହିବା କଥା, ଏହି ଚୋରା କୋଇଲା ଗାଡିଗୁଡିକ ଦିବାଲୋକରେ ବେଧଡକ ଭାବେ ଅଞ୍ଚଳ ଦେଇ ଯାଉଛି। ହେଲେ ଚାନ୍ଦବାଲି ପୋଲିସ ଚେକିଂ କରୁଛି। କିନ୍ତୁ ରାଜକନିକା ପୋଲିସର କିଛି ପଦକ୍ଷେପ ନାହିଁ।

# ୨ ନିର୍ବାହୀ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ

ରାଜନଗର, ୨୨।୮ (ଭାସ୍କର ରାଉତରାୟ)

**ରାଜନଗର ବ୍ଲକରେ ଜିଲାପାଳଙ୍କ ସମୀକ୍ଷା**

କେନ୍ଦ୍ରାପଡ଼ାର ନୂତନ ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଗୁରୁବାର ରାଜନଗର ବ୍ଲକରେ ସରକାରଙ୍କ ବିଭିନ୍ନ ଯୋଜନାର ସମୀକ୍ଷା କରିଛନ୍ତି। ଏଥିସହ ୨ ନିର୍ବାହୀ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ ଦେବାକୁ ବିଡିଓଙ୍କୁ କହିଛନ୍ତି। ବ୍ଲକ ସଭାଗୃହରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଏମ୍‌ଜିଏନ୍‌ଆରଇଜିଏସ୍, ସ୍ୱଚ୍ଛ ଭାରତ ମିଶନ ଆଦି ଯୋଜନା ସମ୍ପର୍କରେ ସମୀକ୍ଷା କରିଥିଲେ। କାହିଁକି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ନିର୍ମାଣ ମନ୍ଥର ଗତିରେ ଚାଲିଛି, ଲୋକେ ଘର ନିର୍ମାଣ ଶେଷ କରିବା ପରେ ମଧ ବୋନସ ଅର୍ଥ ପାଇପାରୁନାହାନ୍ତି ସେ ନେଇ ଜାଣିବାକୁ ଚାହିଁଥିଲେ। କୃଷ୍ଣନଗର ପଞ୍ଚାୟତର ନିର୍ବାହୀ ଅଧିକାରୀ ଦାସ ମୁର୍ମୁଙ୍କୁ ଘର ନିର୍ମାଣ ଶେଷ ହେବା ପରେ କାହିଁକି ବୋନସ ଅର୍ଥ ଦିଆଯାଇନି ବୋଲି ପଚାରିଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ଠିକ୍ ଉତ୍ତର ଦେଇ ପାରି ନ ଥିଲେ। ଘର ପ୍ଲାଷ୍ଟର ହୋଇ ନ ଥିବାରୁ ବୋନସ ଅର୍ଥ ଦିଆଯାଇ ନ ଥିବା କହିଥିଲେ। ଯଦି ପ୍ଲାଷ୍ଟର ଶେଷ ହୋଇନି, ତେବେ ଘର ନିର୍ମାଣ ଶେଷ ହେଲା କିପରି ବୋଲି କହିବା ସହ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବା ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଜିଲାପାଳ ରାଜନଗର ବ୍ଲକରେ ସମୀକ୍ଷା ବୈଠକ କରିବେ ବୋଲି ପୂର୍ବରୁ ସ୍ଥିରୀକୃତ ଥିବା ବେଳେ ବୈଠକରେ ଅନୁପସ୍ଥିତ ଥିବା ବାଲିସାହିପାଟଣା ପଞ୍ଚାୟତର ନିର୍ବାହୀ ଅଧିକାରୀ ମମତା ମଲିକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ବ୍ୟକ୍ତିଗତ ପାଇଖାନା ନିର୍ମାଣର ସମୀକ୍ଷା କରିଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ସମୀକ୍ଷା କରିବା ସହିତ ତାଳଗଛ ଲଗାଇବା ଏଥିରେ ପ୍ରୋଜେକ୍ଟ ରଖିବା ପାଇଁ କହିଥିଲେ। ସାଧାରଣ ଲୋକେ ବିଭିନ୍ନ ଯୋଜନାରେ କାମ କରିବା ପରେ ମାସ ମାସ ଧରି ବିଲ ପାଉନାହାନ୍ତି। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଉଛି। ଟେବୁଲ ଉପରେ ମାସ ମାସ ଧରି ଫାଇଲ ପଡ଼ି ରହୁଛି ବୋଲି ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର ଜିଲାପାଳଙ୍କୁ ଅବଗତ କରାଇଥିଲେ। ଏ ନେଇ ପଦକ୍ଷେପ ନେବେ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ବିଡିଓ ନିଶାନ ମିଶ୍ର, ତହସିଲଦାର ଅଜୟ କୁମାର ମହାନ୍ତିଙ୍କ ସମେତ ସହକାରୀ ଯନ୍ତ୍ରୀ, କନିଷ୍ଠଯନ୍ତ୍ରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ବ୍ଲକର କର୍ମଚାରୀମାନେ ଯୋଗ ଦେଇଥିଲେ।

# ପରିବାରକୁ ଭେଟିଲେ ଏମ୍‌ପି ବୈଜୟନ୍ତ

ରାଜନଗର, ୨୨।୮ (ଭାସ୍କର ରାଉତରାୟ)

**ଘରପୋଡ଼ିରେ ଭଉଣୀଭାଇ ଜୀବନ୍ତଦଗ୍ଧ ଘଟଣା**

ରାଜନଗର ବ୍ଲକ କୁରୁଣ୍ଟି ପଞ୍ଚାୟତ ବଳରାମପୁର ଗାଁରେ ଘର ସହ ଭଉଣୀଭାଇ ଜୀବନ୍ତଦଗ୍ଧ ଘଟଣା ସବୁ ମହଲକୁ ସ୍ତବ୍ଧ କରିଛି। ଗୁରୁବାର କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡା ବଳରାମପୁର ଗାଁରେ ପହଞ୍ଚି ଏହି ପରିବାରକୁ ଭେଟିବା ସହ ସମବେଦନା ଜଣାଇଛନ୍ତି। ମୃତ ଭଉଣୀଭାଇଙ୍କ ମା' ବାପା ଓ ବଡ଼ଭଉଣୀଙ୍କୁ ଭେଟି ସେଦିନର ଘଟଣା ସମ୍ପର୍କରେ ବୁଝିଥିଲେ। ଏମ୍‌ପିଙ୍କ ସହ ପୂର୍ବତନ ଜିଲାପରିଷଦ ସଭାନେତ୍ରୀ ଗୀତାଞ୍ଜଳି ସେଠୀ, ଜିଲା ଭାଜପା ସଭାପତି କିଶୋର ପଣ୍ଡା, ଯୁବନେତା ଲଳିତ କୁମାର ବେହେରା, ସଦାଶିବ ଜେନା, ଦିଲୀପ କୁମାର ପାଳ, କ୍ରିଷ୍ଣା ବେହେରା, ଦିଲୀପ କୁମାର ରାଉତ ପ୍ରମୁଖ ସାମିଲ ହୋଇଥିଲେ। ଏହି ସମୟରେ କୁରୁଣ୍ଟି ସରପଞ୍ଚ ସସ୍ମିତା ମହାନ୍ତି ଓ ପୂର୍ବତନ ସରପଞ୍ଚ ରଞ୍ଜନ କୁମାର ମହାନ୍ତି ଉପସ୍ଥିତ ଥିଲେ।

# ନାଳ ଖନନ ଲାଗି ବିଡିଓଙ୍କୁ ଭେଟିଲେ ଚାଷୀ

**ଚାଷଜମିକୁ ଯାଉନି ପାଣି**

ରାଜକନିକା, ୨୨।୮ (ରବୀନ୍ଦ୍ର କୁମାର ଦାସ)



ବିଡିଓଙ୍କୁ ଅଭିଯୋଗ କରିବାକୁ ଆସିଥିବା ଚାଷୀମାନେ।

ରାଜକନିକା ବ୍ଲକ ଅନ୍ତର୍ଗତ ସିହୋପାଡ଼, ଦୋମଣ୍ଡା ଓ ହାଟସାହି ପଞ୍ଚାୟତର ଏକାଧିକ ଚାଷୀ ବିଡିଓ ପୃଥ୍ୱୀରଜ ପରିଡାଙ୍କୁ ଗୁରୁବାର ଭେଟି ଭାମଣ୍ଡା ଗାଁର ପୂର୍ବ ଓ ପଶ୍ଚିମ ଦିଗରେ ବୋହି ଯାଇଥିବା ଶିମିଳିମା ହାରା, ନଳଗୋହିରିଆ ୨ଟି ନାଳ ଖନନ ବିଷୟରେ ଲିଖିତ ଦାବି ଜଣାଇଛନ୍ତି। ଏହି ଦୁଇଟି ନାଳ ଉପରେ ହାଟସାହି ଓ ସିହୋପଡ଼ା ପଞ୍ଚାୟତର ଚାଷୀ ଚାଷ ପାଇଁ ନିର୍ଭର କରନ୍ତି। କିନ୍ତୁ ଏହି ନାଳ ଦୀର୍ଘଦିନ ହେବ ଖନନ ନ ହେବାରୁ ଜମିକୁ ପାଣି ଯାଇ ପାରୁନାହିଁ। ଯାହା ଫଳରେ ଶତାଧିକ ଚାଷୀ ଚାଷ କରି ନ ପାରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ନାଳ ଓ ଜୋର ୨ ପାର୍ଶ୍ୱରେ ହଜାର ହଜାର ଏକର ଚାଷ ଜମି ରହିଛି। ସେଗୁଡିକ ଜଳସେଚନ ହୋଇ ପାରୁ ନ ଥିବାରୁ ଚାଷୀମାନେ ଚାଷ କରିବାରେ ବହୁତ ଅସୁବିଧା ସମ୍ମୁଖୀନ ହେଉଛନ୍ତି। ନିଅଣ୍ଟିଆ ବର୍ଷା ଫଳରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହେଉଛି। ପ୍ରଶାସନ ଏହି ୨ଟି ନାଳକୁ ତୁରନ୍ତ ଖନନ କରିବାକୁ ହାଟସାହି ଅଞ୍ଚଳର ରମେଶ ନାୟକ, ସୁବ୍ରତ ନାୟକ, ଗୁରୁଚରଣ ନାୟକ ପ୍ରମୁଖ ଦାବି କରଛନ୍ତି। ଦାବି ପୂରଣ ନ ହେଲେ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇବା ସହ ବ୍ଲକ କାର୍ଯ୍ୟାଳୟ ଆଗରେ ଆତ୍ମାହୁତି ଦେବାକୁ ଚେତାବନୀ ଦେଇଛନ୍ତି। ଏହାସହ ଏହି ସମସ୍ୟାର ସମାଧାନ ପାଇଁ ରାଜକନିକା ତଟବନ୍ଧ ଅଧିକାରୀଙ୍କୁ ଭେଟି ସମାନ ସମସ୍ୟାର ସମାଧାନ ପାଇଁ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି।

# ପଞ୍ଚାୟତ ମିଶନଶକ୍ତି ଫେଡେରେଶନର ବହିଷ୍କାର ନୋଟିସ

ଡେରାବିଶ, ୨୨।୮ (ବେବର୍ତ୍ତା ଅଜୟ ଦାସ)

**ଜାଲ୍ ସାର୍ଟିଫିକେଟରେ ସିଆର୍‌ପି ନିଯୁକ୍ତି ମାମଲା**



ଡେରାବିଶ ବ୍ଲକ ମିଶନଶକ୍ତି ପକ୍ଷରୁ ବିଭିନ୍ନ ପଞ୍ଚାୟତରେ ଏମ୍‌ବିକେ, ସିଆର୍‌ପି ଓ ବ୍ୟାଙ୍କ ମିତ୍ର ପଦବୀ ପାଇଁ ଯୋଗ୍ୟତାଭିତ୍ତିରେ ୨୦୨୩ ମେ ମାସରେ ପ୍ରାର୍ଥୀ ଚୟନ କରାଯାଇଥିଲା। ଏହି ଚୟନ ପ୍ରକ୍ରିୟାରେ ଯୋଗ୍ୟବିବେଚିତ ପ୍ରାର୍ଥୀଙ୍କ ସାର୍ଟିଫିକେଟ୍ ଓ ଅନ୍ୟ କାଗଜାତକୁ ଯାଞ୍ଚ କରାଯାଇ ସମ୍ପୃକ୍ତ ପଦବୀଗୁଡ଼ିକରେ ନିଯୁକ୍ତି ଦିଆଯାଇଥିଲା। ବ୍ଲକ ଅଧୀନ ଯଅଁରାବାରିମୂଳ ପଞ୍ଚାୟତ ଗରାମ କ୍ଲଷ୍ଟରରେ ନିଯୁକ୍ତି ପାଇଥିବା ସିଆର୍‌ପି ରାଜଶ୍ରୀ ରାଉତଙ୍କ ମାଟ୍ରିକ ସାର୍ଟିଫିକେଟ୍ ଯାଞ୍ଚ ବେଳେ ତାହା ଜାଲ୍ ବୋଲି ଦର୍ଶାଇ ତାଲିକାରେ ଥିବା ଦ୍ୱିତୀୟ ପ୍ରାର୍ଥୀ ରିନା ପ୍ରତାପ ବ୍ଲକ ମିଶନଶକ୍ତି ଫେଡେରେଶନ୍ (ବିପିଏଲ୍‌ଏଫ୍) ଓ ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଆଧାର କରି ବିଡିଓ ସମ୍ପୃକ୍ତ ସିଆର୍‌ପିଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସ୍କୁଲ ସାର୍ଟିଫିକେଟ୍ ବୈଧ କି ନୁହେଁ ସେ ସମ୍ପର୍କରେ ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷାଧିକାରୀଙ୍କୁ ସମସ୍ତ ତଥ୍ୟ ପାଇଁ ଚିଠି ଲେଖିଥିଲେ। ନିଶ୍ଚିନ୍ତକୋଇଲି ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସମ୍ପୃକ୍ତ ସିଆର୍‌ପିଙ୍କ ସ୍କୁଲକୁ ଯାଇ ଯାଞ୍ଚ କରିବା ପରେ ପ୍ରଦାନ କରାଯାଇଥିବା ସାର୍ଟିଫିକେଟ୍ ଜାଲ୍ ବୋଲି ଡେରାବିଶ ବିଡିଓଙ୍କୁ ଜଣାଇଥିଲେ। ସମସ୍ତ ପ୍ରମାଣକୁ ଆଧାର କରି ବିଡିଓ ଦାଶରଥି ଜେନା ଚିଠି ନଂ. ୩୭୧୬/୨୦।୮।୨୪ରେ ଯଅଁରାବାରିମୂଳ ପଞ୍ଚାୟତ ଫେଡେରେଶନ ସଭାନେତ୍ରୀ ଓ ସମ୍ପାଦିକାଙ୍କୁ ସିଆର୍‌ପି ରାଜଶ୍ରୀ ରାଉତଙ୍କୁ ବହିଷ୍କାର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

ବିଡିଓଙ୍କ ନିର୍ଦ୍ଦେଶ ଅନୁଯାୟୀ ଗୁରୁବାର ପଞ୍ଚାୟତ ମିଶନଶକ୍ତି ଫେଡେରେଶନ(ଜିପିଏଲ୍‌ଏଫ୍)ର ଏକ ସ୍ୱତନ୍ତ୍ର ବୈଠକ ପଞ୍ଚାୟତ ମିଶନଶକ୍ତି ଗୃହରେ ସଭାନେତ୍ରୀ ହରପ୍ରିୟା ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସିଆର୍‌ପି ରାଜଶ୍ରୀଙ୍କୁ ଚାକିରିରୁ ବହିଷ୍କାର କରାଯିବା ନେଇ ଏକ ରିଜଲ୍ୟୁଶନ୍ କରାଯାଇଥିଲା। ଏହି ବହିଷ୍କୃତ ନୋଟିସ ରାଜଶ୍ରୀଙ୍କୁ ଦିଆଯିବା ସହ ପଞ୍ଚାୟତ ମିଶନଶକ୍ତି କାର୍ଯ୍ୟାଳୟ, ପଞ୍ଚାୟତ କାର୍ଯ୍ୟାଳୟ ଗରାମ ଗ୍ରାମ ସମେତ ବିଭିନ୍ନ ସର୍ବସାଧାରଣ ସ୍ଥାନରେ ନୋଟିସ ମରାଯାଇଥିବା ସଭାନେତ୍ରୀ ପରିଡା କହିଛନ୍ତି। ଏଥିସହ ରାଜଶ୍ରୀଙ୍କୁ ଗରାମ ସିଆର୍‌ପି ଭାବେ ୨୦୨୩ ଜୁନ୍ ୨୩ରୁ ନିଯୁକ୍ତି ଦିଆଯିବା ଦିନଠାରୁ ଆଜିଯାଏ ନେଇଥିବା ମାସିକ ସରକାରୀ ଅର୍ଥରାଶି ଚଳିତ ଅଗଷ୍ଟ ୩୧ ସୁଦ୍ଧା ଜିପିଏଲ୍‌ଏଫ୍ କାର୍ଯ୍ୟାଳୟରେ ଦାଖଲ କରିବା ପାଇଁ ନୋଟିସ୍‌ରେ ଜଣାଇ ଦିଆଯାଇଛି। ଏହି ସମୟ ମଧ୍ୟରେ ଯଦି ଅର୍ଥ ପୈଠ ନ କରନ୍ତି ରାଜଶ୍ରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଜିପିଏଲ୍‌ଏଫ୍ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଗରାମ କ୍ଲଷ୍ଟର ପାଇଁ ସିଆର୍‌ପି ଭାବେ ଗୁରୁବାରଠାରୁ ରିନା ପ୍ରତାପଙ୍କୁ ଜିପିଏଲ୍‌ଏଫ୍ ନିଯୁକ୍ତି ଦେଇଥିବା ସଭାନେତ୍ରୀ ପରିଡା କହିଛନ୍ତି।

## ସଂକ୍ଷେପରେ

### ଘାଟିରେ ଟ୍ରକ୍ ଦୁର୍ଘଟଣା, ଜଣେ ମୃତ

ଜି.ଉଦୟଗିରି, ୨୨।୮ (ଶିଶିର ପଟ୍ଟନାୟକ)

ଗୁରୁବାର ସକାଳେ କଳିଙ୍ଗା ଘାଟିରେ ଏକ ଟ୍ରକ (ନଂ ଏପି -୦୩-ଟିଇ -୭୮୭୯) ଯାନ୍ତ୍ରିକ ତ୍ରୁଟିରୁ ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ହେଲ୍‌ପରଙ୍କ ମୃତ୍ୟୁ ଘଟିଥିବା ବେଳେ ଚାଳକ ଗୁରୁତର ଆହତ ହୋଇଛନ୍ତି। ଟ୍ରକ୍‌ଟି ଛତିଶଗଡ଼ ବିଳାସପୁରଠାରୁ ବେଙ୍ଗାଲୁରୁ ଅଭିମୁଖେ ଯାଉଥିଲା। କଳିଙ୍ଗା ଛକଠାରୁ ମାତ୍ର ୩ କିଲୋମିଟର ଦୂର କଳିଙ୍ଗା ଘାଟିର ପ୍ରଥମ ବୁଲାଣିରେ ୧୨ ଚକିଆ ଲୁହା ଚାଦର ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ଗ୍ୟାସ୍‌କଟର ସାହାଯ୍ୟରେ ଗାଡ଼ିକୁ କାଟି ଡ୍ରାଇଭରଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପରେ ତାଙ୍କୁ ଫୁଲବାଣୀ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣାସ୍ଥଳରେ ଜି.ଉଦୟଗିରି ଆଦର୍ଶ ଥାନା ଏସ୍‌ଆଇ ଅନନ୍ତ କୁମାର ପ୍ରଧାନ ପହଞ୍ଚି ଅଧିକ ତଦନ୍ତ କରୁଥିବା ସୂଚନା ମିଳିଛି। ମୃତ ବ୍ୟକ୍ତି ଜଣକ ଆଲ୍ଲାହାବାଦର ବୋଲି ଜଣାପଡ଼ିଛି।

### ଗାଜର ଘାସ ସଚେତନତା ସପ୍ତାହ

ଆର. ଉଦୟଗିରି, ୨୨।୮ (ମନୋଜ କୁମାର ପାଢ଼ୀ)– ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଗଜପତି ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ରଠାରେ ଗାଜର ଘାସ ସଚେତନତା ସପ୍ତାହ ଅଗଷ୍ଟ ମାସ ୧୬ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ. ସଂଗ୍ରାମ ପରମଗୁରୁ, ଉଦ୍ୟାନ କୃଷି ବିଶେଷଜ୍ଞ ଡ. ସୁଶ୍ରୀ ଚୌଧୁରୀ, କ୍ଷେତ୍ର ବିଶେଷଜ୍ଞ ଡ. ସଞ୍ଜୀବ କୁମାର ମାଣ୍ଡି, ପାଣିପାଗ ବିଶେଷଜ୍ଞ ଜୟଶଙ୍କର ପ୍ରଧାନ ଓ କାର୍ଯ୍ୟକ୍ରମ ସହାୟକ ମନୋଜ କୁମାର ସାହୁ ପ୍ରମୁଖ ଯୋଗଦେଇ ଗାଜରଘାସ କିପରି ମନୁଷ୍ୟ, ଜୀବଜନ୍ତୁମାନଙ୍କ ପାଇଁ କ୍ଷତିକାରକ ତାହା ଉପରେ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ପ୍ରାୟ ୮୦ରୁ ଊର୍ଦ୍ଧ୍ୱ ଚାଷୀ ଯୋଗ ଦେଇଥିଲେ।

### ଗୁମ୍ମା ବ୍ଲକ ଗାଁ ସାଥୀ ବୈଠକ

ଗୁମ୍ମା, ୨୨।୮ (ପ୍ରବୀଣ କୁମାର ଲିମା)

ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଅନ୍ତର୍ଗତ ଗୁମ୍ମା ନର୍ସରିଠାରେ ଗାଁ ସାଥୀଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ରାଶିନ୍ତ ଶବର, ସମ୍ପାଦକ ଆଶିକ ଗମାଙ୍ଗ ସହ ଅନ୍ୟ କର୍ମକର୍ତ୍ତା ଏବଂ ୨୦ଟି ଗ୍ରାମପଞ୍ଚାୟତର ପ୍ରତ୍ୟେକ ଗାଁର ଗାଁ ସାଥୀ ସର୍ବମୋଟ ୨୮୦ରୁ ଊର୍ଦ୍ଧ୍ୱ ଉପସ୍ଥିତ ଥିଲେ। ପୂର୍ବ ସରକାରଙ୍କ ନିର୍ଦ୍ଦେଶ ପ୍ରକାରେ ସମସ୍ତ ବିଭାଗରେ ମନରେଗା ଯୋଜନା କାର୍ଯ୍ୟରେ ନିୟୋଜିତ କରିବା, ମେଟ୍‌ମାନଙ୍କୁ ଏସ୍‌ଏଫ୍‌ସି ଓ ସିଏଫ୍‌ସି କାର୍ଯ୍ୟରେ ନିୟୋଜିତ କରାଯାଉ, ଗୁମ୍ମା ବ୍ଲକ ମେଟ୍‌ମାନଙ୍କୁ ବିଡିଓଙ୍କ ଦ୍ୱାରା ଦସ୍ତଖତ ଥାଇ ପରିଚୟ ପତ୍ର ଦିଆଯିବାକୁ ଅନୁମତି ରହିଛି। କିନ୍ତୁ ଅନ୍ୟ ବ୍ଲକ ତୁଳନାରେ ଗୁମ୍ମା ବ୍ଲକ ବାଦ୍ ପଡ଼ିଛି। ଏଥିସହ ଅନ୍ୟାନ୍ୟ ବିଷୟରେ ଆଲୋଚନା ପରେ ବୈଠକ କରି ବ୍ଲକ କାର୍ଯ୍ୟାଳୟର ବିଡିଓଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା।

### ଚରାରୋପଣ କାର୍ଯ୍ୟକ୍ରମ

ଛତ୍ରପୁର, ୨୨।୮ (ଦିଲ୍ଲୀପ ସାମଲ)– ପରିବେଶ ସୁରକ୍ଷା ପାଇଁ ଛତ୍ରପୁର ବ୍ଲକ ଅନ୍ତର୍ଗତ ଚମାଖଣ୍ଡି ଗ୍ରାମପଞ୍ଚାୟତ ପକ୍ଷରୁ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସିଏଚ୍ ମନୋଜ କୁମାର ରେଡ୍ଡୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୧୯ନଂ ଜିଲ୍ଲା ପରିଷଦ ସଭ୍ୟା ରଶ୍ମିତା ନାହାକ ଯୋଗଦେଇଥିଲେ। ପିଇଓ ଦଣ୍ଡପାଣି ପ୍ରଧାନ, ଜିଆର୍‌ଏସ୍ ରାମେଶ୍ୱର ମହାନ୍ତି, ଏମ୍‌ବିକେ ମାଧୁରୀ ରେଡ୍ଡୀ, ସିଆର୍‌ପି ସୁନିତା ପାତ୍ର, ନିର୍ମଳା ରେଡ୍ଡୀ ଓ ଆର. ଜ୍ୟୋତି ରେଡ୍ଡୀ ଯୋଗଦେଇ ବୃକ୍ଷ ରୋପଣ କରିଥିଲେ।

### ଖଜୁରିପଡ଼ା ବଣିକ ସଂଘ କର୍ମକର୍ତ୍ତା ଚୟନ

ଖଜୁରିପଡ଼ା, ୨୨।୮ (ବିଦୁର ବେହେରା)

ଖଜୁରିପଡ଼ା ସଦରମହକୁମା ସ୍ଥିତ ବଣିକ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଖଜୁରିପଡାସ୍ଥିତ କଲ୍ୟାଣମଣ୍ଡପଠାରେ ପୂର୍ବତନ ସଭାପତି ସନ୍ତୋଷ କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ଗୁରୁବାର ବଣିକ ସଂଘର ସମସ୍ତ ବ୍ୟବସାୟୀ ଉପସ୍ଥିତ ରହି ନୂତନ କମିଟି ଗଠନ କରାଯାଇଛି ଏବଂ ବ୍ୟବସାୟ ସମେତ ସହରରେ ପାଳିତ ହେବାକୁ ଥିବା ଦୁର୍ଗାପୂଜା ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା। ନୂତନ କମିଟିର ସଭାପତି ଭାବେ ମନୋଜ କୁମାର ପଣ୍ଡାଙ୍କୁ ମନୋନୀତ କରାଯାଇଥିବା ବେଳେ ପୂର୍ବତନ ସମ୍ପାଦକ ରାଇକିଶୋର ପ୍ରଧାନ ପୁନର୍ବାର ତାଙ୍କର ସମ୍ପାଦକ ପଦ ବଜାୟ ରଖିଛନ୍ତି। ଉପସଭାପତି ରମାକାନ୍ତ ସାସମଲ, ସହସମ୍ପାଦକ କୃଷ୍ଣଚନ୍ଦ୍ର ଦାସ, ଉପଦେଷ୍ଟା ରବି ମିଶ୍ର, ସନ୍ତୋଷ କୁମାର ଶତପଥୀ, ଦିଲୀପ କୁମାର ସାହୁ, ରାମଚନ୍ଦ୍ର ପଣ୍ଡା, ରସାନନ୍ଦ ମାଝୀ ମନୋନୀତ ହୋଇଛନ୍ତି।

# ଧରାକୋଟରେ ଚୋରାମଦ କାରବାର ବଢ଼ୁଛି

ଧରାକୋଟ, ୨୨।୮ (ବିଷ୍ଣୁକେଶରୀ ଆଚାର୍ଯ୍ୟ):



ଟିକିଟି ଅଞ୍ଚଳରେ ବିଷାକ୍ତ ମଦ ପିଇ ୨ ଜଣଙ୍କର ମୃତ୍ୟୁ ହେବା ସମ୍ପ୍ରତି ରାଜ୍ୟରେ ଆଲୋଡନ ସୃଷ୍ଟି କରିଛି। ଅବକାରୀ ବିଭାଗର ନିଷ୍କ୍ରିୟତା ଯୋଗୁଁ ଧରାକୋଟରେ ଚୋରା ମଦ କାରବାର ଦିନକୁ ଦିନ ବଢୁଥିବା ବେଳେ ପୋଲିସ ବିଭାଗ ମଧ୍ୟ ହାତବାନ୍ଧି ବସିଛି। ଚୋରା ମଦ ବେପାରୀଙ୍କ ଉପରେ ଉଭୟ ବିଭାଗର ଆଦୌ ନିୟନ୍ତ୍ରଣ ନାହିଁ। ଅସାଧୁ କର୍ମଚାରୀମାନଙ୍କୁ ହାତଗୁଞ୍ଜା ଦେଇ ଚୋରା ମଦ ବ୍ୟବସାୟୀ ମାଲାମାଲ ହେଉଥିବା ବେଳେ ଅବେଳରେ ନିରୀହ ଜୀବନ ଯାଉଛି।

ଧରାକୋଟ ବ୍ଲକର ରୁଗୁମୁ, ଓଳମ୍ବା ପଞ୍ଚାୟତର ସାଇପୁର, ବରଡାବିଲି ପଞ୍ଚାୟତର ହରିପୁର ଓ ଜଗମୋହନ ପଞ୍ଚାୟତର ଚମ୍ପାପଲିରେ ଚୋରା ମଦ କାରବାର ଅବାଧରେ ଚାଲିଛି। ନିକଟସ୍ଥ ନଦୀ ତଟ,ନାଳ, ବାରିପଟ ଖାଲୁଆ ଅଞ୍ଚଳରେ ବଡ଼ ପ୍ଲାଷ୍ଟିକ ଡ୍ରମରେ ବ୍ୟାଟେରି, ଇଷ୍ଟ, ପିଡ଼ିଆ, ଖାଇବା ସୋଡା ଖାର ଓ ବିଭିନ୍ନ ରାସାୟନିକ ସାମଗ୍ରୀ ବ୍ୟବହାର କରି ପୋଚ ସୃଷ୍ଟି କରି ଏଥିରେ ଦେଶୀ ମଦ ପ୍ରସ୍ତୁତ କରାଯାଉଛି। ପରିତ୍ୟକ୍ତ ସ୍ଥାନ ସହ ଅସ୍ୱାସ୍ଥ୍ୟକର ପରିବେଶରେ ଏହି ମଦ ପ୍ରସ୍ତୁତ କରାଯାଉଛି। ଏପରିକି ଏହି ପୋଚରେ ବିଭିନ୍ନ କୀଟ ସହ ସରୀସୃପ ମଧ୍ୟ ଯାତାୟାତ କରୁଥିବା ଯୋଗୁ ଏହା ବିଷାକ୍ତ ହେବାର ଆଶଙ୍କା ସୃଷ୍ଟି ହେଉଛି। ଯାହାକୁ ପିଇବା ଦ୍ୱାରା ମଦମୃତ୍ୟୁ ହେବାର ଯଥେଷ୍ଟ ଆଶଙ୍କା ରହିଛି। ରୁଗୁମୁ ହରିଜନ ବସ୍ତିରେ ପ୍ରାୟ ୫୦ ରୁ ଅଧିକ ପରିବାର ଚୋରା ମଦ ପ୍ରସ୍ତୁତ କରୁଥିବା ବେଳେ ସାଇପପୁରରେ ପ୍ରାୟ ୨୫ ରୁ ଅଧିକ ପରିବାର ଓ ଚମ୍ପାପଲିର ପ୍ରାୟ ୭୦ ରୁ ଅଧିକ ପରିବାର ଚୋରା ମଦ ପ୍ରସ୍ତୁତ କରୁଛନ୍ତି। ଅନ୍ୟ ପଟରେ ହରିପୁରରେ କୋଚିଲା ମଦ ବେପାରୀଙ୍କ ସଂଖ୍ୟା ବଢ଼ି ଚାଲିଛି। ସନ୍ଧ୍ୟା ସମୟରେ ଏହି ସବୁ ଗାଁ ଆଖପାଖରେ ମଦ୍ୟପମାନଙ୍କ ଉତ୍ପାତ ବଢ଼ି ଚାଲିଛି। ମଦ ଯୋଗୁ ଅନେକ ସମୟରେ ଗଣ୍ଡଗୋଳ ଘଟୁଛି। ଏଥିପାଇଁ ସାଧାରଣ ଜନତା ନିଜକୁ ନିରାପଦ ମନେକରୁନାହାନ୍ତି। ପରିସ୍ଥିତି ଏପରି ହେଲାଣି ଏହି ସବୁ ଗାଁରୁ ପ୍ରସ୍ତୁତ ମାତ୍ରାଧିକ ନିଶାଯୁକ୍ତ ମଦ ପିଇ ଲୋକେ ଅକାଳରେ ମୃତ୍ୟୁ ମୁଖରେ ପଡିଲେଣି। ଲୋକ ଲଜ୍ଜା ଭୟରେ ପରିବାର ଲୋକେ ଥାନାରେ ଅଭିଯୋଗ କରୁନାହାନ୍ତି।

ଆଶ୍ଚର୍ଯ୍ୟର କଥା ଏପଟେ ଅବକାରୀ ଓ ପୋଲିସ ବିଭାଗ ର ଛତ୍ରଛାୟା ତଳେ ଅନାୟସରେ ଏହି ଚୋରା ମଦ କାରବାର ଚଲାଇ ଅସାଧୁ ପଦାଧିକାରୀ ମାନେ ପକେଟ ଗରମ କରୁଥିବାବେଳେ ସେପଟେ ସରକାର ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହରାଉଛନ୍ତି। ଏଥିପ୍ରତି କାହାର ନିଘା ନାହିଁ। ଏ ସମ୍ପର୍କରେ ଅବକାରୀ ବିଭାଗ ସୁପରିଟେଣ୍ଡେଣ୍ଟ ଙ୍କ ସହ ଯୋଗାଯୋଗ ବେଳେ ଖୁବଶୀଘ୍ର ଚୋରା ମଦ କାରବାର ରୋକିବା ପାଇଁ ବ୍ୟାପକ ପଦକ୍ଷେପ ନିଆଯାଉଛି ବୋଲି ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

## କାଟିଙ୍ଗିଆରେ ଚୋରାମଦ କାରବାର ବନ୍ଦ ପାଇଁ ଦାବିପତ୍ର



ମହିଳା ମାନେ ଥାନା ରେ ଅଭିଯୋଗପତ୍ର ଦେଉଛନ୍ତି।

ବ୍ରାହ୍ମଣୀଗାଁ ୨୨।୮ (ମନୋରଞ୍ଜନ ରଣା)

ବ୍ରାହ୍ମଣୀଗାଁ ଥାନା କାଟିଙ୍ଗିଆ ଅଞ୍ଚଳରେ ଦିନକୁ ଦିନ ଚୋରା ମଦ କାରବାର ବୃଦ୍ଧି ପାଉଛି। ଏଥିରେ ସମସ୍ତ ବର୍ଗର ବିଶେଷ କରି ଯୁବ ଛାତ୍ରମାନେ ମଧ୍ୟ ପ୍ରଭାବିତ ହେଉଥିବା ନେଇ ପୂର୍ବରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ କାନ୍ଧମାଳ ଜିଲାପାଳଙ୍କୁ ଅଭିଯୋଗ କରଯାଇଥିଲା। ଗୁରୁବାର ମହିଳାମାନେ ବ୍ରାହ୍ମଣୀଗାଁ ଥାନାଧିକାରୀ ଚିରଞ୍ଜିବି ବେହେରାଙ୍କୁ କାଟିଙ୍ଗିଆରେ ଚୋରାମଦ ବନ୍ଦ ପାଇଁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅଞ୍ଚଳରେ ଅବାଧରେ ଚାଲିଥିବା ମଦ କାରବାରକୁ ନେଇ କାଟିଙ୍ଗିଆ ପଞ୍ଚାୟତର ମାତୃ ସଂଘର ସମସ୍ତ ମହିଳା ଚିନ୍ତା ପ୍ରକଟ କରିବା ସହ ପଡ଼ୋଶୀ ଗଞ୍ଜାମ ଜିଲାରେ ମଦମୃତ୍ୟୁ ଭଳି ଉକ୍ତ ଅଞ୍ଚଳରେ ମଧ୍ୟ ଭୟ ଲାଗୁଥିବା କହିଛନ୍ତି। ଯଦି ପୋଲିସ କିମ୍ବା ଅବକାରୀ ବିଭାଗ କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନ ନିଅନ୍ତି ତେବେ ମହିଳାମାନେ ରାଜରାସ୍ତାକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଅଭିଯୋଗ ପତ୍ର ପାଇବା ପରେ ଚୋରା ମଦ କରବାର କରୁଥିବା ଲୋକ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନାଧିକାରୀ ଚିରଞ୍ଜିବି ବେହେରା କହିଛନ୍ତି। ଅଭିଯୋଗ ପତ୍ର ପ୍ରଦାନ ସମୟରେ କାଟିଙ୍ଗିଆ ସରପଞ୍ଚ ସୁଭଦ୍ରା ମଲିକ ଓ ଅନ୍ୟ ସଭାନେତ୍ରୀମାନେ ଉପସ୍ଥିତ ଥିଲେ।

## ସମୁଦ୍ରରୁ ଉଦ୍ଧାର ଛାତ୍ର ମୃତ

ଗୋପାଳପୁର, ୨୨।୮
(ନବୀନ ରାଜ ଆଚାରୀ)–

ଗୋପାଳପୁର ସମୁଦ୍ରରେ ବୁଡ଼ି ଯାଉଥିବା ସମୟରେ ଉଦ୍ଧାର ହୋଇଥିବା ଯୁବକଙ୍କ ବ୍ରହ୍ମପୁର ବଡ଼ ମେଡ଼ିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସେ ହେଲେ ବ୍ରହ୍ମପୁର ହିଲପାଟନା ପଣ୍ଡା କଲୋନୀର ରାକେଶ ସାହୁ (୧୭)। ସେ ବ୍ରହ୍ମପୁର ଆଇଟିଆଇ ପ୍ରଥମବର୍ଷ ଛାତ୍ର। ବ୍ରହ୍ମପୁର ହିଲପାଟନା ଅଞ୍ଚଳର ରାକେଶ ୧୭ ତାରିଖରେ ଗୋପାଳପୁର ସମୁଦ୍ରରେ ଗାଧୋଉଥିବା ବେଳେ ଅସାବାଧନତା ଯୋଗୁ ସମୁଦ୍ର ଗଭୀରକୁ ଚାଲି ଯାଇଥିଲେ। ସେଠାରେ ଉପସ୍ଥିତ ଥିବା ଲାଇଫଗାର୍ଡ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ ଘଟିଥିଲା।

## ମଦ ଜବତ, ୨ କୋର୍ଟ ଚାଲାଣ

ଦିଗପହଣ୍ଡି, ୨୨।୮ (ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ଅବକାରୀ ଏସ୍‌ଆଇ ଅନୀତା ପ୍ରଧାନ ଗୁରୁବାର ୨୦ ଲିଟର ଦେଶୀ ରନ୍ଧାମଦ ଜବତ କରି ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛନ୍ତି। ସେମାନେ ହେଲେ ଦିଗପହଣ୍ଡି ବ୍ଲକ ନିମଖଣ୍ଡିପେଣ୍ଠ ଗ୍ରାମର ଦୁର୍ଯ୍ୟୋଧନ ନାୟକ ଏବଂ ମୁଟିଆ ନାୟକ। ସକାଳେ ଅବକାରୀ ଏସ୍‌ଆଇ ସଦଳବଳ ନିମଖଣ୍ଡିପେଣ୍ଠ ଏବଂ ସିନ୍ଧବା ଗ୍ରାମ ଇଲାକାରେ ପାଟ୍ରୋଲିଂ କରୁଥିବା ବେଳେ ଦୁର୍ଯ୍ୟୋଧନ ସିନ୍ଧବା ଗ୍ରାମ ରାସ୍ତାରେ ଏକ ପ୍ଲାଷ୍ଟିକ ଜାରକେନ ଧରି ଆସୁଥିଲେ। ତାଙ୍କୁ ସନ୍ଦେହରେ ଅଟକାଇ ଖାନ୍ତଲାସ କରିବାରୁ ୧୨ ଲିଟର ଦେଶୀ ରନ୍ଧାମଦ ମିଳିଥିଲା। ଫଳରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ତାଙ୍କ ବିରୋଧରେ ଦିଗପହଣ୍ଡି ଅବକାରୀ ଥାନା ମାମଲା ନଂ.୮୩/୨୪-୨୫ ଅନୁଯାୟୀ ମାମଲା ରୁଜୁ କରାଯାଇଥିଲା। ସେହିପରି ଅଭିଯୁକ୍ତ ମୁଟିଆଙ୍କ ନିକଟରୁ ୮ ଲିଟର ଦେଶୀ ମଦ ଜବତ କରାଯିବା ସହ ଅବକାରୀ ମାମଲା ନଂ.୮୪/୨୪-୨୫ ଅନୁଯାୟୀ ମକଦ୍ଦମା ରୁଜୁ କରାଯାଇଛି।

## ପାଣିମଡ଼ାକୁ ନେଇ ବଡ଼ଭାଇ ଆକ୍ରମଣରେ ସାନ ମୃତ

ଭଞ୍ଜନଗର, ୨୨।୮ (ବାବୁଲା ପ୍ରଧାନ):

ଗଞ୍ଜାମ ଜିଲା ତାରାସିଂ ଥାନା ଅନ୍ତର୍ଗତ ନୂଆ ବାଙ୍କତରାରେ ଗୁରୁବାର ଜମିରେ ପାଣି ମଡାଇବାକୁ କେନ୍ଦ୍ରକରି ବଡ଼ଭାଇ ଆକ୍ରମଣରେ ସାନଭାଇଙ୍କ ମୃତ୍ୟୁ ଘଟିଛି। ଦୁଇଭାଇଙ୍କ ଗଣ୍ଡଗୋଳ ଛଡ଼ାଇବାକୁ ଆସି ସେମାନଙ୍କ ୨ ପୁଅଙ୍କ ସମେତ ୪ ଜଣ ଆହତ ହୋଇଛନ୍ତି। ମୃତକ ହେଲେ କବିରାଜ ଗୌଡ (୫୮)। ଏହି ଘଟଣାକୁ ନେଇ ଉତ୍ତେଜନା ଦେଖାଦେଇଛି। ପୋଲିସ ଗ୍ରାମରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଗଣ୍ଡଗୋଳ ବେଳେ ବ୍ୟବହୃତ ୨ଟି ଟାଙ୍ଗିଆ ପୋଲିସ ଜବତ କରିଛି।

ନୂଆ ବାଙ୍କତରାର କବିରାଜ ଏବଂ ତାଙ୍କ ପୁଅ ଗହନ ଗୁରୁବାର ଜମିକୁ ପାଣି ମଡାଇବାକୁ ଯାଇଥିଲେ। ଏହି ସମୟରେ କବିରାଜଙ୍କ ବଡ଼ଭାଇ ଦେବରାଜ ଗୌଡ ଓ ତାଙ୍କ ପୁଅ କାହ୍ନୁ ମଧ୍ୟ ଜମିକୁ ଯାଇଥିଲେ। କେନାଲରୁ ପାଣି ନେବାକୁ ନେଇ କବିରାଜ ଏବଂ ଦେବରାଜଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହାପରେ ଆକ୍ରମଣ, ପ୍ରତିଆକ୍ରମଣ ହେବାରୁ ତାଙ୍କ ୨ ପୁଅ ଓ ଗଣ୍ଡଗୋଳ ଛଡ଼ାଇବାକୁ ଆସିଥିବା ଦୁଇ ଜଣ ଛେଳିଚରାଳି ବରୁଣ ଗୌଡ ଓ ରବୀନ୍ଦ୍ର ଗୌଡ ମଧ୍ୟ ଆହତ ହୋଇଥିଲେ। ଆହତମାନଙ୍କୁ ଗ୍ରାମବାସୀ ଉଦ୍ଧାର କରି ଚିକିତ୍ସା ପାଇଁ ଭଞ୍ଜନଗର ମେଡ଼ିକାଲକୁ ଆଣିଥିଲେ। କବିରାଜଙ୍କ ଶରୀରରେ ଗଭୀର ଆଘାତ ଲାଗିଥିବାରୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଅନ୍ୟ ୩ ଜଣଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ପଠାଯାଇଛି। ଜଣେ ଭଞ୍ଜନଗର ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି। ଭଞ୍ଜନଗର ଏସଡିପିଓ ସୁଜିତ ନାୟକ, ଭଞ୍ଜନଗର ଥାନା ଅଧିକାରୀ କୁମାର ମୁଦୁଲି ଏବଂ ତାରସିଂ ପୋଲିସ ଗ୍ରାମରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିବା ଜଣାପଡିଛି।

## ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

ଫୁଲବାଣୀ, ୨୨।୮ (ରାକେଶ କୁମାର ରାଉତ)

ଫୁଲବାଣୀ ଫାଷ୍ଟଟ୍ରାକ୍ ପୋକ୍‌ସୋ କୋର୍ଟ ବିଚାରପତି କୈଳାସ ଚନ୍ଦ୍ର ସ୍ୱାଇଁ ଗୁରୁବାର ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ତାଙ୍କୁ ୨୦ ହଜାର ଟଙ୍କା ଜରିମାନା ଏବଂ ଅନାଦେୟ ଆଉ ଅଧିକ ୩ ବର୍ଷ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ସାରଙ୍ଗଗଡ଼ ଥାନା ସଲପଜଡି ଗ୍ରାମର ବିପ୍ର ଚରଣ ନାୟକ(୫୦)। ୨୦୨୨ ଜୁନ ୧୦ ତାରିଖରେ ଗାଆଁ ରାସ୍ତାରେ ନାବାଳିକା ଜଣକ ଏକୁଟିଆ ଠିଆ ହୋଇଥିଲେ। ତାଙ୍କର ମୁଣ୍ଡ ଦୋଷ ଥିଲା। ଏହାର ସୁଯୋଗ ନେଇ ଅଭିଯୁକ୍ତ ବିପ୍ର ପୀଡିତାଙ୍କୁ ପାଖ ଜଙ୍ଗଲରେ ବଳାତ୍କାର କରିଥିଲେ। ସମିତା ପ୍ରଧାନ ନାମକ ଗାଁର ଜଣେ ମହିଳାଙ୍କ ପାଟି ଶୁଣି ଅଭିଯୁକ୍ତ ଦୌଡ଼ି ପଳାଇଥିଲେ। ପିଡୀତାଙ୍କ ପିତା ଝିଅ ପାଖରୁ ସମସ୍ତ ଘଟଣା ଶୁଣି ସାରଙ୍ଗଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୫୩/୨୨ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ବିଚାରପତି ୧୯ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଜିଲା ଲିଗାଲ୍‌ଏଡ୍‌ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପି.ପି. ବନମାଳୀ ବେହେରା ମାମଲା ପରିଚାଳନା କରୁଥିଲେ।

## ଓଡ଼ିଶା ଟାଲେଣ୍ଟ ହଣ୍ଟ ଜିତି ଗଞ୍ଜାମ ପାଇଁ ଗୌରବ ଆଣିଲେ ଆକାଂକ୍ଷା

ଗଞ୍ଜାମ, ୨୨।୮ (ବିଦ୍ୟାଧର ସାହୁ)

ଓଡ଼ିଶା ଟାଲେଣ୍ଟ ହଣ୍ଟ ଡ୍ୟାନ୍ସ ପ୍ରତିଯୋଗିତାରେ ଭାଗ ନେଇ ପ୍ରଥମ ସ୍ଥାନ ଅଧିକାର କରି ଗଞ୍ଜାମ ପାଇଁ ଗୌରବ ଆଣିଛନ୍ତି କୁନି ବିସ୍ମୟୀ ଝିଅ ଆକାଂକ୍ଷା ପଣ୍ଡା। ଗଞ୍ଜାମ ସହର ସାନବଜାରର ପ୍ରଫୁଲ୍ଲ କୁମାର ପଣ୍ଡା ଓ ସୋନାଲିଙ୍କ ଝିଅ ଆକାଂକ୍ଷା। ଖୋର୍ଦ୍ଧାଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଓଡ଼ିଶା ଟାଲେଣ୍ଟ ହଣ୍ଟ ଡ୍ୟାନ୍ସ ପ୍ରତିଯୋଗିତାରେ ଭାଗନେଇ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଆକାଂକ୍ଷା ଷ୍ଟାଣ୍ଡାର୍ଡ ୱାନ୍‌ରେ ପାଠ ପଢୁଥିବା ବେଳେ ନାଚ ପ୍ରତି ଆଗ୍ରହ ଦେଖି ମା'ବାପା ଗଞ୍ଜାମ ବଡ଼ବଜାରଠାରେ ଡ୍ରିମର ଡ୍ୟାନ୍ସ ଓ ଫିଟ୍‌ନେସ ସେଣ୍ଟରରେ ଗୁରୁ ଏସ. ସନ୍ତୋଷ କୁମାରଙ୍କ ନିକଟରୁ ନୃତ୍ୟ ଶିକ୍ଷା କରୁଛନ୍ତି। ପୂର୍ବରୁ ଆକାଂକ୍ଷା ବ୍ରହ୍ମପୁର, ଜିଲା ଓ ରାଜ୍ୟ ସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ କ୍ରମାଗତ ଭାବେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।

## ଦଙ୍ଗା ଗୁଜବକୁ ନେଇ ଶାନ୍ତି କମିଟି ବୈଠକ

ଦାରିଙ୍ଗବାଡି/ଖଜୁରିପଡ଼ା, ୨୨।୮
(ଅରୁଣ ସାହୁ/ ବିଦୂର ବେହେରା)

ଦଙ୍ଗା ଗୁଜବକୁ ନେଇ ଏକ ଶାନ୍ତି କମିଟି ବୈଠକ ଗୁରୁବାର ଦାରିଙ୍ଗବାଡ଼ି ବ୍ଲକ କାର୍ଯ୍ୟାଳୟ ପରିସର ସଭାଗୃହଠାରେ ତହସିଲଦାର ଶରତ ଶବରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଡିଓ ଗଦାଧର ପାତ୍ର ଏବଂ ଆଇଆଇସି ରମେଶ ପ୍ରଧାନ ବୈଠକରେ ମଞ୍ଚାସୀନ ରହି ପରିଚାଳନା କରିଥିଲେ। ଉପସ୍ଥିତ ଲୋକଙ୍କୁ ପୋଲିସ ପ୍ରଶାସନ ଆଶ୍ୱାସନା ଦେଇଥିଲା କୌଣସି ଅପ୍ରୀତିକର ପରିସ୍ଥିତି ହେବ ନାହିଁ। ବୈଠକରେ ଡିଆଡ଼ି ନାୟକ, ସୁନୀଲ ପ୍ରଧାନ, ସନାତନ ପ୍ରଧାନ, ବିଦ୍ୟାଧର ମଳିକ, ପ୍ରଭାକର ସାହୁ, ମିଟୁ ସାହୁ, ଶ୍ୟାମଘନ ପ୍ରଧାନ, କାଳିପ୍ରସାଦ ମଳିକ, ସାରଦା ବଲିୟାରସିଂ, ପରମେ ପ୍ରଧାନ, ଭିକ୍ଟୁଟମ୍ ଶୋଭାସୁନ୍ଦର, ପ୍ରକାଶ ପ୍ରଧାନ, ବଡ କୁନା ଖାନ ଯୋଗଦେଇଥିଲେ। ସେହିପରି ଖଜୁରିପଡ଼ା ତହସିଲ କାର୍ଯ୍ୟାଳୟର ସଭାଗୃହଠାରେ ତହସିଲଦାରଙ୍କ ଅଧ୍ୟକ୍ଷତାରେ ଏକ ଶାନ୍ତି କମିଟି ବୈଠକ ହୋଇଥିଲା। ବୈଠକରେ ଅତିରିକ୍ତ ତହସିଲଦାର ବ୍ରହ୍ମାନନ୍ଦ ଥାଟି, ଥାନା ଅଧିକାରୀ ଚାପଧାରି ପ୍ରଧାନ, ପାଣ ସମାଜ କଲ୍ୟାଣ କମିଟି ପାଞ୍ଚ ମୁଠା ସଭାପତି ଉଦ୍ଧବ ଦିଗାଲ, ଭାଜପା ଜିଲ୍ଲା ସମ୍ପାଦକ ମନୋଜ କୁମାର ପଣ୍ଡା, ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସଭାପତି ରାମ ଚନ୍ଦ୍ର ପଣ୍ଡା, ସମେତ ସମସ୍ତ ସରପଞ୍ଚ ଏବଂ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଯୋଗଦେଇ ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ଦିଗରେ ଉପସ୍ଥିତ ଖ୍ରୀଷ୍ଟ ସମ୍ପ୍ରଦାୟଙ୍କ ସହ ଅଞ୍ଚଳର ବିଭିନ୍ନ ଗାଁରୁ ଆସିଥିବା ଜନସାଧାରଣଙ୍କୁ ସଚେତନ କରିଥିଲେ।

## ପାଇଲିପଡ଼ା ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

ବେଲଗୁଣ୍ଠା, ୨୨।୮
(କୃଷ୍ଣଚନ୍ଦ୍ର ପଟ୍ଟନାୟକ)



ବେଲଗୁଣ୍ଠା ବ୍ଲକ ପାଇଲିପଡ଼ା ବିଜେଡି ସମର୍ଥିତ ସରପଞ୍ଚ ଜୟରାମ ନାୟକଙ୍କ ବିରୋଧରେ ଗୁରୁବାର ଅନାସ୍ଥା ପ୍ରସ୍ତାବ ଆସିଛି। ଏ ନେଇ ସମ୍ପୃକ୍ତ ପଞ୍ଚାୟତର ନାଏବ ସରପଞ୍ଚଙ୍କ ସମେତ ୧୩ ଜଣ ୱାର୍ଡ ମେମ୍ବର ଭଞ୍ଜନଗର ଉପ ଜିଲାପାଳ ଅନୀଲ କୁମାର ସେଠୀଙ୍କୁ ଭେଟି ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି। ଏଥିସହ ତୁରନ୍ତ ଅନାସ୍ଥା ପ୍ରସ୍ତାବ ଉପରେ ମତଦାନ କରିବାକୁ ଦାବି କରିଛନ୍ତି। ଏହା ପୂର୍ବରୁ ଆମ୍ବପୁଆ ସରପଞ୍ଚଙ୍କ ବିରୋଧରେ ମଧ୍ୟ ଅନାସ୍ଥା ପ୍ରସ୍ତାବ ଆସିଛି। ତାହାର ମଧ୍ୟ ତାରିଖ ଧାର୍ଯ୍ୟ ହୋଇନାହିଁ। ବେଲଗୁଣ୍ଠା ବ୍ଲକ ବିଜେଡି ଅକ୍ତିଆରରେ ଅଛି। କିନ୍ତୁ ଗତ ସାଧାରଣ ନିର୍ବାଚନରେ ସୋରଡ଼ା ନିର୍ବାଚନ ମଣ୍ଡଳୀରୁ ଭାଜପା ବିଧାୟକ ଭାବେ ନୀଳମଣି ବିଷୋୟୀ ନିର୍ବାଚିତ ହୋଇଥିଲେ। ଏହା ପରେ ଭାଜପା ଶିବିର ଚଳଚଞ୍ଚଳ ହୋଇ ଉଠିଛି। କିନ୍ତୁ ଦୁଇ ଦିନ ପୂର୍ବେ ଏହି ବ୍ଲକର ତନରଡ଼ା ପଞ୍ଚାୟତର ସ୍ୱାଧୀନ ଭାବେ ଲଢ଼ି ବିଜୟୀ ହୋଇଥିବା ସରପଞ୍ଚ ବିଜେଡିରେ ମିଶିଛନ୍ତି। ତେଣୁ ବେଲଗୁଣ୍ଠା ରାଜନୀତି ବିଗତ କିଛି ଦିନ ହେବ ଚଳଚଞ୍ଚଳ ହୋଇପଡ଼ିଛି।

## ପୁରିଆସାହି କେନାଲ ଭାଙ୍ଗିଲା, ଚଳ ମୁଣ୍ଡରେ ଚାଷୀଙ୍କୁ ପମ୍ପ ଭରସା



ପାତ୍ରପୁର, ୨୨।୮ (ଉମା ଚରଣ ନେପାକ):

ପାତ୍ରପୁର ବ୍ଲକ ତୁମ୍ବା ପଞ୍ଚାୟତ ପୁରିଆସାହିଠାରେ ଥିବା ମହେନ୍ଦ୍ର ତନୟା କ୍ଷୁଦ୍ର ଜଳସେଚନ ଯୋଜନାରେ ଥିବା କେଲାଲ ଭାଙ୍ଗି ଯିବାରୁ ଜମିକୁ ଜଳଯୋଗାଣରେ ବାଧା ସୃଷ୍ଟି ହେଉଛି। ପୁରିଆସାହି କେନାଲର ପ୍ରାୟ ଦୁଇ କିଲୋମିଟର ଦୂର ଭାଲିଆ ସାହି ମଧ୍ୟରେ ବୁଧବାର ରାତିରେ କେନାଲ ଭାଙ୍ଗି ଯାଇଛି। କେନାଲର ଏକ କର୍ଲଭଟକୁ ସଂଯୋଗ କରୁଥିବା ସିମେଣ୍ଟ କାନ୍ଥ ପ୍ରାୟ ଦଶ ମିଟର ଭାଙ୍ଗି ପଡ଼ିବାରୁ ପାଣି ଯୋଗାଣ ବନ୍ଦ ହୋଇଯାଇଛି। ଦୀର୍ଘ ବର୍ଷ ପୂର୍ବେ କେନାଲ କର୍ଲଭଟ ନିକଟରେ ଏହି କାନ୍ଥ ନିର୍ମାଣ ହୋଇଥିବା ବେଳେ ପାଣି ଗଳୁଥିଲା। ଗତକାଲି ମହେନ୍ଦ୍ର ତନୟା ନଦୀର ଉପର ମୁଣ୍ଡରେ ପ୍ରବଳ ବର୍ଷା ଫଳରେ ଅଧିକା ପାଣି ଆସିବାରୁ କାନ୍ଥ ଭାଙ୍ଗି ଯାଇଥିବା ଜଣାପଡିଛି। ଅସ୍ଥାୟୀ ଭାବରେ ପାଇପ ପକାଇ ଜଳ ଯୋଗାଇବା ପାଇଁ ଉଦ୍ୟମ ଆରମ୍ଭ ହୋଇଥିବା ବିଭାଗୀୟ ଅଧିକାରୀ କହିଛନ୍ତି।

# ବିକ୍ରି ହେବନି ଆଉ ପ୍ଲାଷ୍ଟର ପ୍ୟାରିସ୍ ମୂର୍ତ୍ତି

ପାରଳାଖେମୁଣ୍ଡି, ୨୨।୮ (ଗିରିଧାରୀ ପରିଚ୍ଛା)

ଗତ ବର୍ଷଠାରୁ ଲାଗୁ ହୋଇଥିବା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଆସିଥିବା ନିର୍ଦ୍ଦେଶନାମା ଅନୁସାରେ ଏଣିକି ଆଉ ବିକ୍ରି ହେବନି ପ୍ଲାଷ୍ଟର ଅଫ ପ୍ୟାରିସ୍ ମୂର୍ତ୍ତି। ଗଣେଶ ପୂଜାକୁ ଦୃଷ୍ଟିରେ ରଖି ଗଜପତି ଜିଲାରେ ପ୍ଲାଷ୍ଟର ଅଫ ପ୍ୟାରିସ୍ ମୂର୍ତ୍ତି ବ୍ୟବହାର ଉପରେ ଜିଲା ପ୍ରଶାସନ କଟକଣା ଜାରି କରିଛି। ଯାହାକୁ ନେଇ ମାଟି ମୂର୍ତ୍ତି ନିର୍ମାଣ କରୁଥିବା କାରିଗରଙ୍କ ମଧ୍ୟରେ ଖୁସିର ଲହରି ଦେଖିବାକୁ ମିଳିଛି। ପ୍ରଶାସନର ଏହି ନିଷ୍ପତ୍ତି ମୂର୍ତ୍ତି କାରିଗରଙ୍କ ଲୋପ ପାଉଥିବା କୌଳିକ ବୃତ୍ତିକୁ ପୁନଃ ଜୀବିତ କରିଛି। ମୂର୍ତ୍ତି କାରିଗରଙ୍କୁ ଏହି ନିର୍ଦ୍ଦେଶନାମା ପୁଣି ଥରେ ରୋଜଗାରର ପନ୍ଥା ଦେଖାଇବ ବୋଲି ଜିଲାର ମୂର୍ତ୍ତି କାରିଗରମାନେ କହିଛନ୍ତି। ସେହିପରି ଏହି ନିଷ୍ପତ୍ତିକୁ ପରିବେଶବିତ୍‌ମାନେ ସ୍ୱାଗତ କରିଛନ୍ତି। ହିନ୍ଦୁ ରୀତି ଅନୁସାରେ ପୂର୍ବରୁ ଗଜପତି ଜିଲାରେ ମାଟି ମୂର୍ତ୍ତି ପୂଜା ହେଉଥିଲା। ହେଲେ ଗତ ଏକଦଶନ୍ଧିରୁ ଅଧିକ ସମୟ ହେଲାଣି ଜିଲାରେ ପ୍ଲାଷ୍ଟର ଅଫ ପ୍ୟାରିସ୍‌ର ବହୁଳ ବ୍ୟବହାର ଦେଖିବାକୁ ମିଳିଥିଲା। ଜିଲାର ବିଭିନ୍ନ ଜଳାଶୟ କ୍ଷତିଗ୍ରସ୍ତ ହୋଇ ଏବେ କୌଣସି ବ୍ୟବହାର ହୋଇପାରୁନି କି ପୁନରୁଦ୍ଧାର ହୋଇପାରୁନାହିଁ। ସେହିକ୍ରମରେ ଚଳିତବର୍ଷ ପ୍ଲାଷ୍ଟର ଅଫ ପ୍ୟାରିସ୍ ମୂର୍ତ୍ତି ଉପରେ କଟକଣା ଲଗାଇବାକୁ ଗତ ବର୍ଷଠାରୁ ନିଷ୍ପତ୍ତି ହୋଇଥିଲା। ପାରଳା ପୌରପାଳିକା ତରଫରୁ ପିଓପି ମୂର୍ତ୍ତି ବ୍ୟବହାର ନ କରିବାକୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ସହରର ବିଭିନ୍ନ ସାହିରେ ସଚେତନ କରାଯାଇଥିଲା। ପ୍ରଶାସନର ଏହି ନିଷ୍ପତ୍ତି ପରେ କାରିଗରମାନେ ସେମାନଙ୍କ ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି। ପାରଳାଖେମୁଣ୍ଡିର ଚିତ୍ରକାର ସାହି ଓ କବିଚନ୍ଦ୍ର ସାହିରେ ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ମୂର୍ତ୍ତି କାରିଗର ପରିବାର ରୁହନ୍ତି। ସେମାନଙ୍କ କହିବା ହେଲା ସରକାରଙ୍କ ଏହି ନିଷ୍ପତ୍ତି କ୍ରମେ ଆମେ ଦୁଇ ପଇସା ରୋଜଗାର କରିପାରିବୁ। ଚିତ୍ରକାରମାନଙ୍କ ମାଟିରେ ତିଆରି ମୂର୍ତ୍ତି ନିର୍ମାଣ କ୍ରମଶଃ କମିଯିବା ହେତୁ ତାହା ସ୍ଥାନ ନେଇଥିଲା ଛାଞ୍ଚ ତିଆରି ରଙ୍ଗବେରଙ୍ଗର ପ୍ଲାଷ୍ଟର ପ୍ୟାରିସ୍ ମୂର୍ତ୍ତି। ଏବେ ପ୍ରଶାସନର ନିଷ୍ପତ୍ତି ପରେ ପାରଳାଖେମୁଣ୍ଡିର ୪୦ ପରିବାର ପୁଣି ଥରେ ଅଣ୍ଟା ଭିଡ଼ିଛନ୍ତି।

### ମୂର୍ତ୍ତି କାରିଗରଙ୍କୁ ମିଳିଲା ନୂଆ ଆଶା



# ୩୭ରୁ ୩୦ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ହେଲା

**ତୁମୁଣି, ତଳଡିହ ଗ୍ରାମରେ ଅପପୁଷ୍ଟି ପ୍ରସଙ୍ଗ**

- ତଥ୍ୟ ଲୁଚାଇବାକୁ ପ୍ରୟାସ କରାଯାଉଥିବା ଅଭିଯୋଗ
- ସିଡିପିଓ କହିଲେ ସମସ୍ତ ଶିଶୁଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଅଛି

ଯାଜପୁର,୨୨।୮ (ହର୍ଷବର୍ଦ୍ଧନ ବେହେରା) :

ଯାଜପୁର ଜିଲା ପ୍ରଶାସନ ଓ ସମନ୍ୱିତ ଶିଶୁ ବିକାଶ ଯୋଜନା(ଆଇସିଡିଏସ୍)ର ଏକ ସ୍ୱତନ୍ତ୍ର ଟିମ୍ ଗୁରୁବାର ନଗଡ଼ା ପାର୍ଶ୍ୱବର୍ତ୍ତୀ ତୁମୁଣି ଓ ତଳ ଗୁହିଆଶାଳ ଗସ୍ତ କରି ଅପପୁଷ୍ଟି ଅଭିଯୋଗର ତଦନ୍ତ କରିଛନ୍ତି। ତଦନ୍ତ ରିପୋର୍ଟରେ ଉଭୟ ଗ୍ରାମର ୦ ରୁ ୬ ବର୍ଷ ବୟସ୍କ ୩୦ ଜଣ ଶିଶୁଙ୍କ ଓଜନ ଓ ଉଚ୍ଚତା ମାପ କରିଥିଲେ। ସମସ୍ତ ଶିଶୁଙ୍କ ସ୍ୱାସ୍ଥ୍ୟବସ୍ଥା ଠିକ୍ ଥିବା ରିପୋର୍ଟରେ ଦର୍ଶାଇଛନ୍ତି। ଏହାସହ ସମସ୍ତ ବିଭାଗୀୟ କାର୍ଯ୍ୟକ୍ରମ ସୂଚୁରୁ ରୂପେ ଚାଲିଥିବା ସୁକିନ୍ଦା ସିଡିପିଓ ଭାନୁମତି ବେହେରା କହିଛନ୍ତି। ଅନ୍ୟପକ୍ଷେ ଅନ୍ୟ ୭ ଜଣ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କାହିଁକି ହୋଇ ପାରିଲା ନାହିଁ ପଚାରିବାରୁ ସେମାନେ ଗ୍ରାମରେ ନ ଥିଲେ ବୋଲି ଉତ୍ତର ରଖିଛନ୍ତି। ତୁମୁଣି ଏବଂ ଗୁହିଆଶାଳ ଗ୍ରାମକୁ ଏଯାଏ ରାସ୍ତା ଫିଟି ନ ଥିବାରୁ ସରକାରଙ୍କ ଅଧିକାଂଶ ଯୋଜନା ଉପଯୁକ୍ତ ଭାବେ ପହଞ୍ଚି ପାରୁନାହିଁ। ମା' ଓ ଶିଶୁମାନଙ୍କୁ ଯେଉଁ ଛତୁଆ ଓ ହାଲୁଆ ପ୍ୟାକେଟ୍ ଦିଆଯାଉଛି ତାହା ଅତି ନିମ୍ନମାନର ଓ ସ୍ୱାଦହୀନ ବୋଲି ଅଭିଯୋଗ ହୋଇଛି। ଫଳରେ ଶିଶୁମାନଙ୍କ ଶାରିରୀକ ବିକାଶ ସ୍ୱାଭାବିକ ହେଉ ନ ଥିବା ସୂଚନା ମିଳିଛି।

ଯାଜପୁର ଜିଲା ସୁକିନ୍ଦା ବ୍ଲକ ଚିଙ୍ଗୁଡିପାଳ ପଞ୍ଚାୟତର ପାହାଡ଼ ଉପରେ ତଳ ନଗଡ଼ା, ମଝି ନଗଡ଼ା, ଉପର ନଗଡ଼ା, ଗୁହିଆଶାଳ, ତଳ ଗୁହିଆଶାଳ ଓ ତୁମୁଣି ଗ୍ରାମ ରହିଛି। ଏଠାରେ ମୋଟ ୧୨୦ ପରିବାର ବସବାସ କରୁଛନ୍ତି। ନଗଡ଼ାରେ ୨୦୧୬ ଜୁଲାଇରେ ଅପପୁଷ୍ଟି ଯୋଗୁ ଶିଶୁ ମୃତ୍ୟୁ ଘଟଣାର ପର୍ଦ୍ଦାଫାସ ହେବା ପରେ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ପହଞ୍ଚିଥିଲା। ଏପରି କି ପାହାଡ଼ ଚିରି ପ୍ରାୟ ୧୪ କୋଟି ଟଙ୍କା ଖର୍ଚ୍ଚ କରି ରାସ୍ତା ନିର୍ମାଣ ହୋଇଥିଲା। ଏହାପରେ ୨୦୧୯ରୁ ଏଯାଏ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ପରିମଳ ପାଇଁ ୩୩୩.୬୨ ଲକ୍ଷ ଟଙ୍କା, ଘର, ରାସ୍ତା ସଂଯୋଗ ଓ ବିଦ୍ୟୁତ୍ ପାଇଁ ୩୪୮.୮ ଲକ୍ଷ ଟଙ୍କା ଏବଂ ଜଳସେଚନ, ଜମି ମରାମତି, କୃଷି, ଉଦ୍ୟାନ, ପ୍ରାଣୀ ସମ୍ପଦ, ଏସ୍ଏଚ୍ଜି ଓ କିଶାନ କ୍ଲବ ପାଇଁ ୨୫୫.୭୧ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ହେଲେ ତଳ, ମଝି ଓ ଉପର ନଗଡ଼ା ଗ୍ରାମକୁ ରାସ୍ତା ନିର୍ମାଣ ହୋଇଥିବାବେଳେ ତୁମୁଣି ଓ ତଳଡିହ ଗ୍ରାମ ଏଯାଏ ବିଚ୍ଛିନ୍ନାଞ୍ଚଳ ଭାବେ ରହିଛି। ଜଙ୍ଗଲ ଓ ପାଦଚଲା ରାସ୍ତା ଦେଇ ଗ୍ରାମବାସୀ ଯାତାୟତ କରୁଛନ୍ତି। ଏଥିଯୋଗୁ ନିୟମିତ ଭାବେ ସରକାରୀ କର୍ମଚାରୀ ଓ ଅଧିକାରୀମାନେ ତୁମୁଣି ଓ ତଳଡିହ ଗ୍ରାମକୁ ଯାଇପାରୁନାହାନ୍ତି। ଫଳରେ ଏହି ଦୁଇ ଗ୍ରାମରେ ଏବେ ବି ଏକାଧିକ ଶିଶୁ ଅତିଶୟ ଅପପୁଷ୍ଟିରେ ଆକ୍ରାନ୍ତ ହୋଇଛନ୍ତି। କିନ୍ତୁ ଜିଲା ପ୍ରଶାସନ ଏହାକୁ ସ୍ୱୀକାର ନ କରି ସହଯୋଗୀ କର୍ମଚାରୀମାନଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ଯାଇ ତଥ୍ୟ ଲୁଚାଉଥିବା ଅଭିଯୋଗ ହେଉଛି।

ଏ ସଂକ୍ରାନ୍ତରେ ସୁକିନ୍ଦା ସିଡିପିଓ ଭାନୁମତିଙ୍କୁ ପଚାରିବାରୁ ସେ କହିଛନ୍ତି ମା'ଓ ଶିଶୁମାନଙ୍କ ପାଇଁ ସମସ୍ତ ସରକାରୀ ଯୋଜନା ଉପଯୁକ୍ତ ଭାବେ ଚାଲିଛି। ତୁମୁଣି ଓ ତଳଡିହ ଗ୍ରାମର ମୋଟ ୩୭ ଜଣ ଶିଶୁଙ୍କ ମଧ୍ୟରୁ ୩୦ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସେଥିରୁ ୩୦ ଜଣଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ୱାଭାବିକ ରହିଛି। ଅନ୍ୟ ୭ ଜଣ ଶିଶୁ ଗ୍ରାମରେ ନ ଥିବାରୁ ସେମାନଙ୍କ ସ୍ୱାସ୍ଥ୍ୟପରୀକ୍ଷା ହୋଇପାରିନାହିଁ।


ତୁମୁଣି ଓ ତଳଡିହ ଗାଁରେ ଅଙ୍ଗନୱାଡି କର୍ମୀ ପିଲାଙ୍କ ଉଚ୍ଚତା ମାପ କରୁଛନ୍ତି।




ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ମୁନା


@ ରାଜଲକ୍ଷ୍ମୀ


@ ରାକେଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଭିତରକନିକାର ମଠଆଡ଼ିଆରେ ପର୍ଯ୍ୟଟକଙ୍କ ପାଇଁ ୱାଚ ଟାୱାର

ରାଜନଗର, ୨୨।୮ (ଭାସ୍କର ରାଉତରାୟ)



ଭିତରକନିକାରେ ପର୍ଯ୍ୟଟକଙ୍କ ପାଇଁ ମଠିଆଡ଼ିଆରେ ୱାଚ ଟାୱାର ନିର୍ମାଣ ହୋଇଛି। ଏବେ ପର୍ଯ୍ୟଟକମାନେ ଏହି ୱାଚ ଟାୱାର ଉପରେ ଚଢ଼ି ଦେଶୀୟ ପକ୍ଷୀଙ୍କ କାକଳି ଶୁଣିବେ। ଭିତରକନିକା ଜାତୀୟ ଉଦ୍ୟାନକୁ ପରିଭ୍ରମଣରେ ଆସୁଥିବା ପର୍ଯ୍ୟଟକମାନ ଦେଶୀୟ ପକ୍ଷୀଙ୍କ ଆବାସସ୍ଥଳୀ ବଗଗହନକୁ ବୁଲିବାକୁ ଯାଇଥାନ୍ତି। ବଗଗହନରେ ପର୍ଯ୍ୟଟକମାନେ ଦେଶୀୟ ପକ୍ଷୀଙ୍କ କଳରାବ ଓ ସେମାନେ କିପରି ବସା କରି ଅଣ୍ଡା ଦେଇଛନ୍ତି, କେଉଁ କେଉଁ ଗଛରେ ବସା କରିଛନ୍ତି, ତାହା ଦେଖିବା ପାଇଁ ୱାଚ ଟାୱାର ନିର୍ମାଣ ହୋଇଥିଲା। ମାତ୍ର ୬ ବର୍ଷ ହେଲା ବଗଗହନକୁ ଆଉ ଦେଶୀୟ ପକ୍ଷୀ ଆସୁନାହାନ୍ତି। ଦେଶୀୟ ପକ୍ଷୀ ବଗଗହନ ବଦଳରେ ମଠଆଡିଆ, ଲକ୍ଷ୍ମୀପ୍ରସାଦ ଡିଆ ଓ ଦୁର୍ଗାପ୍ରସାଦ ଡିଆରେ ଭିଡ ଜମାଉଛନ୍ତି। ଏଠାରେ ୱାଚ ଟାୱାର ନ ଥିବାରୁ ପର୍ଯ୍ୟଟକମାନେ ଠିକ୍ ଭାବେ ଦେଶୀୟ ପକ୍ଷୀଙ୍କୁ ଦେଖିବାରେ ଅସୁବିଧା ହେଉଥିଲା। ବନ ବିଭାଗ ପକ୍ଷରୁ ମଠଆଡିଆଠାରେ ଏକ ୱାଚ ଟାୱାର ନିର୍ମାଣ କରାଯାଇଛି। ୪୦ ଫୁଟ ଉଚ୍ଚବିଶିଷ୍ଟ ଏହି ୱାଚ ଟାୱାରକୁ ସମ୍ପୂର୍ଣ୍ଣ ଭାବେ କାଠରେ ନିର୍ମାଣ କରାଯାଇଛି। ପର୍ଯ୍ୟଟକମାନେ ଏହି ୱାଚ ଟାୱାର ଉପରେ ଚଢ଼ି ପ୍ରକୃତିର ଶୋଭା ଉପଭୋଗ କରିବା ସହ ପକ୍ଷୀଙ୍କୁ ଦେଖିପାରିବେ। ୱାଚ ଟାୱାର ନିର୍ମାଣ ଶେଷ ହୋଇଥିବା ବେଳେ ଖୁବ୍‌ଶୀଘ୍ର ଏହା ଉଦ୍‌ଘାଟିତ ହେବ ବୋଲି ବନ ବିଭାଗ ସୂତ୍ରରୁ ଜଣାପଡିଛି।

# ବିରୂପା ନଦୀକୁ ଯୁବକଙ୍କୁ ଠେଲି ହତ୍ୟା ଘଟଣାରେ ୬ ଗିରଫ

କେନ୍ଦ୍ରାପଡ଼ା,୨୨।୮ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ବ୍ଲକ ଇନ୍ଦୁପୁରଠାରେ ବିରୂପା ନଦୀ ପୋଲ ଉପରେ ଗତ ୧୪ ତାରିଖରେ କେତେଜଣ ଦୁର୍ବୃତ୍ତ ବାଡେଇ ବାଡେଇ ନିକିରାଇ ଥାନା ନିକିରାଇ ଗାଁର ମଣ୍ଟୁ ମଲ୍ଲିକଙ୍କୁ ନଦୀକୁ ଫିଙ୍ଗି ହତ୍ୟା କରିଥିବା ନେଇ ତାଙ୍କ ଭାଇ ଶରତ ଅଭିଯୋଗ କରିଥିଲେ। ଏହି ଘଟଣାରେ ବିଭିନ୍ନ ସ୍ଥାନରେ ପୋଲିସ ଚଢ଼ାଉ କରି ୬ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ପୋଲିସ ନିକଟରେ ସେମାନଙ୍କ ଦୋଷ ସ୍ୱୀକାର କରିଛନ୍ତି। ପରକୀୟା ପ୍ରୀତିରୁ ଏଭଳି ଘଟଣା ଘଟିଛି ବୋଲି ପୋଲିସ ତଦନ୍ତରୁ ଜଣାପଡିଛି। ସେମାନଙ୍କୁ ପୋଲିସ ଗୁରୁବାର କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବାରିମୂଳ ଉପକାରାଗାରକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନେ ହେଉଛନ୍ତି ଯାଜପୁର ଜିଲା ବରୀ ଥାନା ଅନ୍ତର୍ଗତ କୃଷ୍ଣନଗର ଗ୍ରାମର ଟିଁକିଲି ଜେନା, ଟିଁକିଲିଙ୍କ ପୁଅ ଲିଟୁନା ଜେନା, ବଣ୍ଟି ଜେନା, ଟିଁକିଲିଙ୍କ ସମ୍ପର୍କୀୟ ଦୀପୁ ଜେନା, ଅଶ୍ୱିନୀ ଜେନା ଓ କିଶୋର ଜେନା ଗିରଫ ହୋଇଥିବା ବେଳେ ସମସ୍ତ ଅଭିଯୁକ୍ତ ଗୋଟିଏ ପରିବାରର ସଦସ୍ୟ ବୋଲି ଜଣାପଡିଛି।

ମିଳିଥିବା ସୂଚନା ଅନୁଯାୟୀ, ମୃତ ଟ୍ରାକ୍ଟର ଚାଳକ ମଣ୍ଟୁ ଅଗଷ୍ଟ ୧୪ ତାରିଖ ସକାଳେ ତାଙ୍କ ସାଙ୍ଗ ବରୀ ଥାନା କୃଷ୍ଣନଗର ଅଞ୍ଚଳର ଦୀପୁଙ୍କ ଘରକୁ ଯାଇ ତାଙ୍କ ସ୍ତ୍ରୀଙ୍କୁ ଭେଟିଥିଲେ। ଦୀପୁଙ୍କ ସ୍ତ୍ରୀଙ୍କ ସହ ମିଳାମିଶା କରୁଥିବା ଟିଁକିଲି ଦେଖି ମାରଧର କରିଥିଲେ। ମଣ୍ଟୁ ସେଠାରୁ ପଳାଇ ଆସି ଇନ୍ଦୁପୁର ଛକରେ ବୁଲୁଥିଲେ। ଅପରାହ୍ନ ୨ଟା ବେଳେ ସେଠାରେ ଟିଁକିଲିଙ୍କ ସହ ମଣ୍ଟୁଙ୍କ ଭେଟ ହୋଇଥିଲା। ମଣ୍ଟୁ ରାଗ ଶୁଝାଇବାକୁ ଯାଇ ଟିଁକିଲିଙ୍କୁ ମାଡ଼ ମାରିଥିଲେ। ଟିଁକିଲି ମାଡ଼ ଖାଇ ଘଟଣାସ୍ଥଳକୁ ତାଙ୍କର ୨ପୁଅ ଲିଟୁନା ଓ ବଣ୍ଟିଙ୍କୁ ଫୋନ କରି ଡାକିଥିଲେ। ବାପ ପୁଅ ୩ ଜଣ ମିଶି ମଣ୍ଟୁଙ୍କୁ ମାଡ଼ ମାରି ସାଙ୍ଗରେ କୃଷ୍ଣନଗର ନେଇ ଯାଇଥିଲେ। ସେଠାରେ ଅନ୍ୟ ଅଭିଯୁକ୍ତମାନେ ମିଶି ମଣ୍ଟୁଙ୍କୁ ମାଡ଼ ମାରିବା ସହ ପୁଣି ଆଣି ଇନ୍ଦୁପୁର ନିକଟ ବିରୂପା ପୋଲ ଉପରୁ ନଦୀକୁ ଠେଲି ଦେଇଥିଲେ। ୧୫ ତାରିଖରେ ପଟ୍ଟାମୁଣ୍ଡାଇ ଥାନା ଜଗନ୍ନାଥପୁର ପାଖ ବ୍ରାହ୍ମଣୀ ନଦୀରେ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକ ପୋଲିସକୁ ଖବର ଦେଇଥିଲେ। ପଟ୍ଟାମୁଣ୍ଡାଇ ପୋଲିସ ନିକିରାଇ ଥାନାକୁ ଖବର ଦେଇଥିଲା। ସେଠାରେ ନିକିରାଇ ପୋଲିସ ପହଞ୍ଚିବା ସହ ମଣ୍ଟୁଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲା। ମଣ୍ଟୁଙ୍କ ଭାଇ ଶରତ ସେଠାରେ ପହଞ୍ଚି ମୃତଦେହ ତାଙ୍କ ଭାଇର ବୋଲି ଚିହ୍ନଟ କରିଥିଲେ।


ହତ୍ୟା ଘଟଣାରେ ଗିରଫ ହୋଇଥିବା ଅଭିଯୁକ୍ତମାନେ।

# ପାରାଦୀପର ସ୍ମୃତିପ୍ରଜ୍ଞାଙ୍କୁ ୧ସ୍ୱର୍ଣ୍ଣ, ୨ ରୌପ୍ୟ

**ଖେଲୋ ଇଣ୍ଡିଆ ଜୁଡ଼ୋ ପ୍ରତିଯୋଗିତା**

ପାରାଦୀପ,୨୨।୮ (ଶରତ ରାଉତ):



ମେଘାଳୟ ସିଲଂଠାରେ ଆୟୋଜିତ ଖେଲୋ ଇଣ୍ଡିଆ ଜୁଡୋ ଚାମ୍ପିୟାନଶିପରେ ପାରାଦୀପର ଝିଅ ସ୍ମୃତିପ୍ରଜ୍ଞା ନାୟକ ରେକର୍ଡ ସୃଷ୍ଟି କରିଛନ୍ତି। କ୍ୟାଡେଟ୍ ବର୍ଗରେ ସ୍ୱର୍ଣ୍ଣ ପଦକ, ଜୁନିୟର ଓ ସିନିୟର ବର୍ଗରେ ଦୁଇଟି ରୌପ୍ୟ ପଦକ ପାଇଛନ୍ତି। ଏହା ଜାତୀୟ ଜୁଡୋ ପ୍ରତିଯୋଗିତାରେ ବିରଳ ବୋଲି ତାଙ୍କ କୋଚ ଲୋପାମୁଦ୍ରା ପତି କହିଛନ୍ତି। ଉକ୍ତ ଖେଲୋ ଇଣ୍ଡିଆ ପ୍ରତିଯୋଗିତାରେ ଓଡ଼ିଶାର ୨୩ ଜଣ ପ୍ରତିଯୋଗୀ ସାମିଲ ହୋଇଥିଲେ। ଚଳିତ ବର୍ଷ ରେକର୍ଡ ସଂଖ୍ୟକ ୮ ପଦକ ଓଡ଼ିଶା ପିଲା ଜିତିଛନ୍ତି। ସେଥିରେ ଜଗତ୍‌ସିଂହପୁର ଜିଲାର ୩ଟି ପଦକ କେବଳ ସ୍ମୃତିପ୍ରଜ୍ଞା ହାସଲ କରିଛନ୍ତି। ଏପରି ସଫଳତା ପାଇଁ ତାଙ୍କୁ ଜୁଡୋ ସଂଘ ସଭାପତି ପି କେ ମିଶ୍ର, ସିଇଓ ଗୀତାଞ୍ଜଳି ପଣ୍ଡା ଶୁଭେଚ୍ଛା ଜଣାଇଛନ୍ତି। ସ୍ମୃତିପ୍ରଜ୍ଞାଙ୍କୁ କୋଚ ଲୋପାମୁଦ୍ରା ପାରାଦୀପସ୍ଥିତ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମରେ ପ୍ରଶିକ୍ଷଣ ଦେଉଥିଲେ। ତାଙ୍କ ପ୍ରଶିକ୍ଷଣ ଖର୍ଚ୍ଚ ପିପିଏଲ୍ କମ୍ପାନୀ ବହନ କରୁଛନ୍ତି। ସ୍ମୃତିପ୍ରଜ୍ଞାଙ୍କ ବାପା ଦିଲ୍ଲୀପ ଓ ମା' ରାଜଶ୍ରୀ ନାୟକ। ସେ ପାରାଦୀପ ପୋର୍ଟ କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରୀ ଭାବେ ଅଧ୍ୟୟନ କରୁଛନ୍ତି।

# ନଦୀକୁ ଡେଇଁ ନିଖୋଜ ଯୁବତୀଙ୍କ ମୃତଦେହ ଜବତ

**ପ୍ରେମିକ ଥାନାରେ ଅଟକ**

ଡେରାବିଶ, ୨୨।୮ (ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଚାନ୍ଦୋଳ ଫାଣ୍ଡି ଡେରାବିଶ ବ୍ଲକ ଲୁଣାନଦୀ ପୋଲରେ ବୁଧବାର ସନ୍ଧ୍ୟାରେ ନଦୀକୁ ଡେଇଁ ନିଖୋଜ ଥିବା ଯୁବତୀଙ୍କ ମୃତଦେହ ଗୁରୁବାର ସନ୍ଧ୍ୟାରେ ଲୁଣାନଦୀର ବସପୁର ଘାଟରେ ପୋଲିସ ଜବତ କରିଛି। ପରେ ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ମୃତ ଯୁବତୀ ଜଣକ ହେଲେ କଟକ ଜିଲା ଭଦ୍ରେଶ୍ୱର ଥାନା ଅନ୍ତର୍ଗତ ଗୌଡ଼ଗୋପ ଗ୍ରାମର ହୃଷୀକେଶ ମଲିକଙ୍କ ଝିଅ ସ୍ୱର୍ଣ୍ଣଲତା (୨୦)। ପ୍ରତ୍ୟେକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, ବୁଧବାର ସନ୍ଧ୍ୟାରେ ସ୍ୱର୍ଣ୍ଣଲତାଙ୍କ ସହ ଗରଦପୁର ବ୍ଲକ ଅନ୍ତର୍ଗତ ପନ୍ଦିଆ ଗ୍ରାମର ଚିକୁନା ମଲିକ (୨୬) ଦାନପୁରସ୍ଥିତ ଲୁଣାନଦୀ ପୋଲ ଉପରେ ଦୀର୍ଘ ସମୟ ଧରି ବସି ପରସ୍ପର ମଧ୍ୟରେ ବାର୍ତ୍ତାଳାପ କରୁଥିବା ଦେଖିଥିଲେ। ପରେ ଉଭୟଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଯୁକ୍ତିତର୍କ ହେଉଥିବା ମଧ୍ୟ ପ୍ରତ୍ୟେକ୍ଷ ଦର୍ଶୀ ଦେଖିଥିଲେ। ହଠାତ୍ ସ୍ୱର୍ଣ୍ଣଲତା ପୋଲ ବାଡ଼ା ଉପରକୁ ଚଢ଼ି ନଦୀ ମଧ୍ୟକୁ ଡେଇଁ ପଡ଼ିଥିଲେ। ପରେ ଚିକୁନା ମଧ୍ୟକୁ ନଦୀକୁ ଡେଇଁଥିଲେ। ତେବେ ସ୍ଥାନୀୟ ଯୁବକଙ୍କ ସହାୟତାରେ ଚିକୁନା ଉଦ୍ଧାର ହୋଇଥିବା ବେଳେ ନଦୀର ପ୍ରଖର ସ୍ରୋତରେ ସ୍ୱର୍ଣ୍ଣଲତା ଭାସି ଯାଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀମାନେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ସନ୍ଧ୍ୟା ହୋଇଯାଇଥିବାରୁ ସ୍ୱର୍ଣ୍ଣଲତାଙ୍କ କୌଣସି ପତ୍ତା ମିଳି ନ ଥିଲା। ତେବେ ଏ ସଂକ୍ରାନ୍ତରେ ସ୍ୱର୍ଣ୍ଣଲତାର ବାପା ହୃଷିକେଶ ସଦର ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ତାଙ୍କ ଝିଅ ସହ ଚିକୁନାର ଦୀର୍ଘ ଦୁଇବର୍ଷ ହେବ ପ୍ରେମ ସମ୍ପର୍କ ଥିଲା। ବୁଧବାର ଦିନ ୧୦ଟା୩୦ରେ ତାଙ୍କ ଝିଅ ଘରୁ ଆସିଥିବା ବେଳେ ଅପରାହ୍ନ ୪ଟାରେ ତାଙ୍କ ସାନଝିଅ ପାଖକୁ ସ୍ୱର୍ଣ୍ଣଲତା ଫୋନ୍ କରିଥିଲା। ସ୍ୱର୍ଣ୍ଣଲତା ନଦୀକୁ ଡେଇଁପଡ଼ିବା ଖବର ଶୁଣି ଗ୍ରାମବାସୀଙ୍କ ସହ ହୃଷିକେଶ ସେଠାରେ ପହଂଚିଥିଲେ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ତାଙ୍କ ଝିଅକୁ ଚିକୁନା ନଦୀକୁ ଠେଲି ମାରି ଦେଇଥିବା ବୁଧବାର ସନ୍ଧ୍ୟାରେ ହୃଷୀକେଶ ଥାନାରେ କରିଥିବା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ.୪୫୯/୨୪ରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଚିକୁନାଙ୍କୁ ଥାନାରେ ଅଟକ ରଖି ପଚାରାଉଚୁରା କରାଯାଉଥିବା ଥାନା ଅଧିକାରୀ ସରୋଜକୁମାର ସାହୁ ସୂଚନା ଦେଇଛନ୍ତି।

# ପୋଖରୀ ପାଣିରେ ଇ-କୋଲାଇ ଜୀବାଣୁ ଠାବ ପରେ ସିଲ୍

**ଚାରିପୋଖରିଆରେ ଝାଡ଼ାବାନ୍ତି ବ୍ୟାପିବା ଘଟଣା**

ରାଜନଗର, ୨୨।୮ (ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଅଞ୍ଚଳରେ ଝାଡାବାନ୍ତିରେ ୨୧ ଦିନ ମଧ୍ୟରେ ୪ ଜଣ ଲୋକଙ୍କ ମୃତ୍ୟୁ ହୋଇଛି। ବ୍ଲକର ଚାରିପୋଖରିଆ ଗାଁରେ ଝାଡାବାନ୍ତି ବ୍ୟାପିବା ପଛରେ ଦୂଷିତ ପାଣି ମୁଖ୍ୟ କାରଣ ବୋଲି ଜଣାପଡିଛି। ଗାଁ ପୋଖରୀ ପାଣି ପରୀକ୍ଷା ପରେ ସେଥିରେ ଇ-କୋଲାଇ ଜୀବାଣୁ ଠାବ ହୋଇଛି। ସେହି ଜୀବାଣୁ ଯୋଗୁ ଚାରିପୋଖରିଆ ଗାଁରେ ଝାଡାବାନ୍ତି ଉଗ୍ରରୂପ ନେଇଛି। ଏହା ପରେ ପୋଖରୀକୁ ସ୍ୱାସ୍ଥ୍ୟ ବିଭାଗ ଓ ପ୍ରଶାସନ ପକ୍ଷରୁ ଗୁରୁବାର ସିଲ୍ କରାଯାଇଛି। ଏହାର ପାଣିକୁ ବ୍ୟବହାର ନ କରିବା ଲାଗି ଗାଁ ଲୋକଙ୍କୁ ସତର୍କ କରାଇ ଦିଆଯାଇଛି। ପୋଖରୀ ଚାରିପଟେ ବାଡ ବୁଜାଯିବା ସହ ନାଲି ପତାକା ମରାଯାଇଛି।


ଗାଁ ପୋଖରୀ ଚାରିପଟେ ବାଡ ବୁଜା ଯାଇଥିବା ବେଳେ ନାଲି ପତାକା ମରାଯାଇଛି। ପାଣି ବ୍ୟବହାର ନ କରିବାକୁ ଗାଁ ଲୋକଙ୍କୁ କୁହାଯାଇଛି।

ଚାରିପୋଖରିଆ ଗାଁରେ ଝାଡାବାନ୍ତି ବ୍ୟାପିବା ପରେ ସ୍ୱାସ୍ଥ୍ୟ ବିଭାଗ ଟିମ୍ ପହଞ୍ଚି ଘରକୁ ଘର ବୁଲି ପ୍ରତିଷେଧକ ଔଷଧ ଦେବା ସହ ସ୍ୱାବ୍ ଓ ପୋଖରୀ ପାଣି, ନଳକୂପ ପାଣିର ନମୁନା ସଂଗ୍ରହ କରିଥିଲା। ଗାଁର ଅବର୍ଜନା ପରିବେଶକୁ ପରିଷ୍କାର କରି ବ୍ଲିଚିଂ ପାଉଡର ପକାଇଯାଇଥିଲା। ପାଣି ନମୁନା ପରୀକ୍ଷା ପରେ ପୋଖରୀ ପାଣିରୁ ଇ-କୋଲାଇ ଜୀବାଣୁ ଠାବ ହୋଇଛି। ଏହି ପୋଖରୀରେ ଲୋକେ କଂସା ବାସନ ଧୋଇବା ଠୁଁ ଆରମ୍ଭ କରି ଗାଧୋଉଥିବାରୁ ଝାଡାବାନ୍ତି ବ୍ୟାପିଛି ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଏହି ଜୀବାଣୁ ଆମ ଅଞ୍ଚଳରେ ପୂର୍ବରୁ ନ ଥିଲା ବୋଲି ଗାଁ ଲୋକେ କହିଛନ୍ତି। ପ୍ରବାସୀ ଶ୍ରମିକଙ୍କ ଦ୍ୱାରା ଏହା ବ୍ୟାପିଛି ବୋଲି କୁହାଯାଉଛି। ଏଠାରେ ସୂଚନାଯୋଗ୍ୟ, ଚଳିତମାସ ୧ ତାରିଖରେ ରାଜନଗରରେ ଝାଡାବାନ୍ତିରେ ୨ଜଣ ପ୍ରବାସୀ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ପ୍ରବାସୀ ଶ୍ରମିକଙ୍କ ମୃତ୍ୟୁ ପରେ ସେମାନେ ରହୁଥିବା ଗାଁରୁ ପାଣି ନମୁନା ସଂଗ୍ରହ ହୋଇଥିଲା। ସେହି ପାଣିରୁ ପ୍ରଥମେ ଇ-କୋଲାଇ ଜୀବାଣୁ ଠାବ କରାଯାଇଥିଲା ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଥିଲା।

# ୧୫ ମାସରେ କଟିଛି ୧୦୭୮ ଗଛ





କଟାଯାଇଥିବା ଗଛ।

- ୫୬ ଆବେଦନକାରୀଙ୍କ ଗଛ କଟାଯାଇଛି
- ଅନୁମତି ପରେ ଗଛ କଟା ଯାଞ୍ଚ ହେଉ ନ ଥିବା ଅଭିଯୋଗ

ନୟାଗଡ଼/ନୂଆଗାଁ,୨୨।୮ (ଲୋକନାଥ ମିଶ୍ର/ଧନେଶ୍ୱର ସାହୁ)

ନୟାଗଡ଼ ବନଖଣ୍ଡ ମହିପୁର ରେଞ୍ଜରେ ଗତ ୧୫ ମାସରେ ୧୦୭୮ ଶାଳ, ଶାଗୁଆନ, ଶିଶୁ, କସି, କୁରୁମ ଓ ସିଦା ପରି ମୂଲ୍ୟବାନ ଗଛ କଟାଯାଇଥିବାର ଗୁମର ଖୋଲିଛି ଆରଟିଆଇ ତଥ୍ୟ। ଆରଟିଆଇ ତଥ୍ୟର ସୂଚନା ଅନୁଯାୟୀ, ଗଛ କାଟିବାକୁ ୨୦୨୦ମସିହାରୁ ଲୋକ ଆବେଦନ କରିଥିଲେ। ଏଥିରୁ ୨୦୨୩ରେ ୫୬ ଜଣ ଲୋକ ଗଛ କାଟିବାକୁ ଅନୁମତି ମିଳିଛି। ୨୦୨୩ ମାର୍ଚ୍ଚରୁ ୨୦୨୪ ମେ ପର୍ଯ୍ୟନ୍ତ ଶାଳ ୩୦୭, ଶାଗୁଆନ ୭୪୪, କୁରୁମ ୧ଟା, ପିଆଶାଳ ୧୦, ଶିଶୁ ୭ଟା, କସି ୨ଟା, ସିଦା ୨ଟା, ଶିରିଶ ୫ଟା ଏପରି ମୋଟରେ ୧୦୭୮ ଗଛ କଟା ଯାଇଛି। କାଳିଆମ୍ବାର ଶ୍ୟାମ ନାୟକଙ୍କ ୩୦ଟି ଓ ଇନ୍ଦ୍ରମଣି ମଳିକଙ୍କ ୩୯ଗଛ, ଚଣ୍ଡିଝରିର ଜଗନ୍ନାଥ ନାୟକଙ୍କ ୨୬, ବରକୋଳା ଅରବିନ୍ଦ ନାୟକଙ୍କ ୧୧, ଡିମିରିଆ ଯଦୁମଣି ଜାନଙ୍କର ୫୨, ଡିମିରିପଲ୍ଲୀର ଗଜେନ୍ଦ୍ର ପ୍ରଧାନଙ୍କର ୩୧, କୁସୁମୁଗାଡିଆର କାଳୁ ଚରଣ ସାହୁଙ୍କର ୫୦, କୁସୁବିଡାର ଉଗ୍ରସେନ ଜାନି ୧୨, ବାଡିବାରୀ ଗାଁର ଭାଗିରଥି ମଲ୍ଲିକଙ୍କ ୯ଟା ଗଛ କଟାଯାଇଛି।

**ଅପିଲ ପରେ ମିଳିଲା ଆଂଶିକ ତଥ୍ୟ:** ମହିପୁର ରେଞ୍ଜରେ ରେକର୍ଡ ହୋଲଡିଂରେ ଅନୁମତି ନେଇ କେତେ ସଂଖ୍ୟକ ଗଛ କଟାଯାଇଥିବା ସମ୍ପର୍କରେ ଆରଟିଆଇରେ ତଥ୍ୟ ମଗା ଯାଇଥିଲା। ହେଲେ ରେଞ୍ଜର ତଥ୍ୟ ଦେଇ ନ ଥିବାର ଅଭିଯୋଗ ହୋଇଛି। ତଥ୍ୟ ନ ମିଳିବାରୁ ସୂଚନା କର୍ମୀ ନୟାଗଡ଼ ଡିଏଫ୍‌ଓଙ୍କ ପାଖରେ ଅପିଲ କଲା ପରେ ଆଂଶିକ ତଥ୍ୟ ମିଳିଛି। ଡିଏଫ୍‌ଓଙ୍କ ଅର୍ଡର ପରେ ମହିପୁର ରେଞ୍ଜ ପକ୍ଷରୁ ୨ହଜାର ପୃଷ୍ଠା ବଦଳରେ ୮୭ ପୃଷ୍ଠାର ତଥ୍ୟ ମିଳିଛି। ଅନ୍ୟ ତଥ୍ୟ ପାଇଁ ପୁଣି ଅପିଲ କରିବେ ବୋଲି ସୂଚନା ଅଧିକାର କର୍ମୀ କହିଛନ୍ତି।

**ଅନୁମତି ଗୋଟିଏ ସ୍ଥାନରେ କଟା ହେଉଛି ଭିନ୍ନ ସ୍ଥାନରେ :** ରେକର୍ଡ ହୋଲଡିଂରେ ଗଛ କାଟିବା ପାଇଁ ଅନୁମତି ଗୋଟିଏ ସ୍ଥାନରେ ନିଆଯାଉଛି। ତେବେ ଗଛ କଟା ଭିନ୍ନ ସ୍ଥାନରୁ ହେଉଥିବା ଅଭିଯୋଗ ହେଉଛି। ଏଭଳି ଅଭିଯୋଗ କାଳିଆମ୍ବା ପରି ବିଭିନ୍ନ ଅଞ୍ଚଳରେ ହୋଇଥିବା ଅଭିଯୋଗ ଉଠିଛି। ଗଛ କାଟିବାର ଅନୁମତି ଦେବା ପରେ ଗଛ କଟା କେଉଁ ସ୍ଥାନରୁ ହେଉଛି ତାର ଯାଞ୍ଚ ହେଉ ନ ଥିବାରୁ ଏଭଳିଆ ସ୍ଥିତି ଉପୁଜୁଛି। ଏନେଇ ବୃକ୍ଷ ବାବା ତଥା ପରିବେଶବିତ୍ ହରିଶରଣ ମହାରାଜା କୁହନ୍ତି, ଅନୁମତି ନେଇ ରେକର୍ଡ ହୋଲଡିଂରେ ଗଛ କାଟିବାକୁ ବିରୋଧ କରାଯାଉନି। ତେବେ ଅନୁମତି ନେଇଥିବା ସ୍ଥାନରୁ ଗଛ କଟା ଯାଇଛି କି ନାହିଁ ତା'ର ଅନୁଧ୍ୟାନ ହେଉନି। ଏହାର ସୁଯୋଗରେ ଅନୁମତି ସ୍ଥାନରୁ ଗଛ କଟା ନ ଯାଇ ଭିନ୍ନ ଭିନ୍ନ ସ୍ଥାନରୁ ଗଛ କଟା ଯାଉଛି। ଏପରିକି ଜଙ୍ଗଲିଆ ଅଞ୍ଚଳରୁ ମଧ୍ୟ ଗଛ କଟା ହେଉଛି। ଏଭଳି ସ୍ଥିତି ଲାଗି ରହିଲେ ଜଙ୍ଗଲ କେବଳ କାଗଜପତ୍ରରେ ରହିଯିବ। ଏନେଇ ସମୀକ୍ଷା କରିବାର ଆବଶ୍ୟକତା ପଡିଛି ବୋଲି ସେ କହିଛନ୍ତି। ଏନେଇ ମହିପୁର ରେଞ୍ଜର ଅମ୍ରିତ୍ କୁମାର ସାହୁ କୁହନ୍ତି,ରେକର୍ଡ ହୋଲଡିଂରେ ଗଛ କାଟିବା ପାଇଁ ଅନୁମତି ପରେ ଗଛ କେଉଁ ଜମିରୁ କଟାଗଲା ତାହା ତଦନ୍ତ କରାଯାଉଛି। ଗୋଟିଏ ସ୍ଥାନ ପାଇଁ ଅନୁମତି ଅନ୍ୟସ୍ଥାନରୁ ଗଛ କାଟିବା ଅଭିଯୋଗରେ ସତ୍ୟତା ନାହିଁ ବୋଲି ସେ ପ୍ରକାଶ କରିଛନ୍ତି।

# ଲଘୁ ଶସ୍ୟଖାଦ୍ୟ ମହୋତ୍ସବ



ଅତିଥି ବିଭିନ୍ନ ଖାଦ୍ୟର ସ୍ୱାଦ ପରଖୁଛନ୍ତି।

### ମାଣ୍ଡିଆରେ ରହିଛି ରୋଗ ପ୍ରତିରୋଧକ ଶକ୍ତି

ଗଣିଆ,୨୨।୮ (ସନ୍ତୋଷ କୁମାର ପ୍ରଧାନ)

ସୁସ୍ଥ ଓ ନୀରୋଗ ଜୀବନ ଯାପନ ପାଇଁ ମଣିଷକୁ ଦୈନନ୍ଦିନ ସୁଷମ ଖାଦ୍ୟର ଆବଶ୍ୟକତା ପଡିଥାଏ । ହେଲେ ଆଜିକାଲି ବଜାରରେ ମିଳୁଥିବା ବିଭିନ୍ନ ଖାଦ୍ୟ ସାମଗ୍ରୀ ସାର ଓ କୀଟନାଶକ ଯୁକ୍ତ ହେତୁ ବିଭିନ୍ନ ରୋଗର ଶୀକାର ହେଉଥିବା ଦେଖିବାକୁ ମିଳୁଛି। ଏପରିସ୍ଥଳେ ମାଣ୍ଡିଆ, ବାଜରା, ଜହ୍ନରା ପରି ଶସ୍ୟରେ ପ୍ରଚୁର ପରିମାଣର ପୃଷ୍ଟିସାର , ସ୍ନେହସାର, ଲୌହ, କ୍ୟାଲସିୟମ ପରି ପୋଷକତତ୍ତ୍ୱ ରହିଛି। ଏଭଳି ଲଘୁ ଶସ୍ୟ କିପରି ଭାବେ ପ୍ରଚୁର ପରିମାଣର ଉତ୍ପାଦନ ହୋଇପାରିବ ସେ ନେଇ ସରକାରଙ୍କ ମିଲେଟ ମିଶନ ଜରିଆରେ ପ୍ରୟାସ ଜାରି ରହିଛି। ଗୁରୁବାର ଗଣିଆ ବ୍ଲକର ସାମାଜିକ ଅନୁଷ୍ଠାନ ଗଣିଆ ଉନ୍ନୟନ କମିଟି (ଜିୟୁସି) ତରଫରୁ ଜିଲା କୃଷି ବିଭାଗ ଓ ନାବାର୍ଡ ସହାୟତାରେ ବେଲପଡାପାଟଣାସ୍ଥିତ ଜିୟୁସି କାର୍ଯ୍ୟାଳୟ ପରିସରରେ ଲଘୁ ଶସ୍ୟ ଖାଦ୍ୟ ମହୋତ୍ସବ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାବାର୍ଡର ମୁଖ୍ୟ ପରିଚାଳିକା ତୃପ୍ତି ତାପସୀ , ଜିଲା କୃଷି ଅଧିକାରୀ ସଞ୍ଜୟ କୁମାର ଦଳେଇ ଓ ଗଣିଆ ବିଡିଓ ଡ.ବେବିତା ମଞ୍ଜରୀ ନାୟକ ଯୋଗଦେଇଥିଲେ। ଜିୟୁସିର ସଭାପତି ଉଷା ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଲଘୁ ଖାଦ୍ୟ ଶସ୍ୟ ମହୋତ୍ସବ ଆୟୋଜନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ମହୋତ୍ସବରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ମାଣ୍ଡିଆରେ ପ୍ରସ୍ତୁତ ୧୪ ପ୍ରକାର ଖାଦ୍ୟ ସାମଗ୍ରୀ ପ୍ରଦର୍ଶୀତ କରାଯାଇଥିଲା। ତେବେ ମାଣ୍ଡିଆ ଭଳି ଲଘୁ ଖାଦ୍ୟ ଶସ୍ୟକୁ ଚାଷୀମାନେ କିଭଳି ବହୁଳ ମାତ୍ରାରେ ଚାଷ କରିପାରିବେ ଏବଂ ଏହାର ବିକ୍ରୟ ନିମନ୍ତେ ବଜାର ସୁବିଧା କରାଯାଇପାରିବ ସେଥିପାଇଁ ଗଣିଆ ବଜାରରେ ଏମ୍‌ପି ପାଣିଗ୍ରାହୀଙ୍କ ଦ୍ୱାରା ଗରିମା ଗ୍ରାମ ଦୋକାନ ଉଦଘାଟନ କରାଯାଇଥିଲା। ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ମହିଳା ସ୍ୱୟଂସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ପ୍ରସ୍ତୁତ କାଠ କଣ୍ଢେଇଠାରୁ ଆରମ୍ଭ କରି ହଳଦି, ଡାଲି, ପାମ୍ପଡ, ବଡି, ଆଚାର, ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ସାମଗ୍ରୀ ବିକ୍ରୟ କରି କିପରି ଲାଭବାନ ହୋଇପାରିବେ ଗରିମା ଗ୍ରାମ ଦୋକାନ ଖୋଲିବାର ମୁଖ୍ୟ ଉଦ୍ଦେଶ୍ୟ ବୋଲି କୁହାଯାଇଛି। ତେବେ ପ୍ରତ୍ୟହ ଖାଦ୍ୟରେ ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟକୁ ସାମିଲ କରିବାକୁ ଅତିଥିମାନେ ଆହ୍ୱାନ କରିଥିଲେ। ପରେ ନାବାର୍ଡ ତରଫରୁ ଗଣିଆ ହାଟ ପଡ଼ିଆର ଉନ୍ନତିକରଣ ପାଇଁ ଏମ୍‌ପି ପାଣିଗ୍ରାହୀ ଶିଳାନ୍ୟାସ କରିଥିଲେ।

# ଠିକ୍ ଭାବେ ତଦନ୍ତ ପାଇଁ ପୋଲିସକୁ ନିର୍ଦ୍ଦେଶ

### ହାଇକୋର୍ଟରେ ନୟାଗଡ଼ ନାବାଳିକା ବଳାତ୍କାର ମାମଲା

କଟକ,୨୨।୮ (କାର୍ତ୍ତିକ ସାହୁ)

ନୟାଗଡ଼ ଜିଲା ଇଟାମାଟି ଥାନା ଅଞ୍ଚଳର ନାବାଳିକା ବଳାତ୍କାର ମାମଲାର ଠିକ୍ ଢଙ୍ଗରେ ତଦନ୍ତ ପାଇଁ ହାଇକୋର୍ଟ ଆଦେଶ ଦେଇଛନ୍ତି। ହାଇକୋର୍ଟ ବିଚାରପତି ଗୌରୀଶଙ୍କର ଶତପଥୀ ମାମଲାର ଶୁଣାଣି କରି ଉକ୍ତ ଥାନାର ତଦନ୍ତକାରୀ ଅଧିକାରୀଙ୍କୁ ମାମଲାର ତଦନ୍ତ ଆଦେଶ ଦେଇ ମାମଲାର ଅନ୍ତ ଘଟାଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୨୩ ଏପ୍ରିଲ ୧୯ରେ ନାବାଳିକା ଜଣଙ୍କୁ ଅଭିଯୁକ୍ତ ଶିବୁ ଜେନା ଇଟାମାଟିରୁ ଅପହରଣ କରିଥିଲେ। ନାବାଳିକାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଜବରଦସ୍ତ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଶାରୀରିକ ସମ୍ପର୍କ ନ ରଖିଲେ ଜୀବନରୁ ମାରିଦେବାକୁ ଧମକ ମଧ ଦେଇଥିଲେ। ହେଲେ ଅଭିଯୁକ୍ତ ସେହି ମାସ ୨୫ ତାରିଖରେ ନାବାଳିକାଙ୍କୁ ଗାଁ ଛକ ନିକଟରେ ଛାଡି ଫେରାର ହୋଇଯାଇଥିଲେ। ସେଠାରୁ ତାଙ୍କ ବାପା ତାଙ୍କୁ ଘରକୁ ନେଇଥିଲେ। ଏନେଇ ଇଟାମାଟି ଥାନାରେ ଅଭିଯୋଗ ହେବା ପରେ ଏକ ମାମଲା(ନଂ.୧୧୮/୨୩) ରୁଜୁ ହୋଇଥିଲା। ହେଲେ ପୋଲିସ ମାମଲାର ତଦନ୍ତରେ ସେଭଳି ଆଗ୍ରହ ନ ଦେଖାଇବାରୁ ନୟାଗଡ଼ ଏସ୍‌ପିଙ୍କୁ ନାବାଳିକାଙ୍କ ବାପା ଗୁହାରି କରିଥିଲେ। ଇତିମଧ୍ୟରେ ଅଭିଯୁକ୍ତ ଅନ୍ୟ ଜଣଙ୍କୁ ବିବାହ କରି ଖୁଲମଖୁଲା ଭାବେ ବୁଲୁଥିଲେ। ମାତ୍ର ପୋଲିସ ତାଙ୍କୁ ଗିରଫ କରୁନାହିଁ। ୨୦୨୪ ଜୁଲାଇ ୮ରେ ପୁଣି ସ୍ପିଡ୍ ପୋଷ୍ଟ ଯୋଗେ ଇଟାମାଟି ଥାନାକୁ ଅଭିଯୋଗପତ୍ର ପ୍ରେରଣ କରିଥିଲେ। ଏହାପରେ ଜୁଲାଇ ୧୩ରେ ପୁଣି ନୟାଗଡ଼ ଏସ୍‌ପିକୁ ସମାନ ଅଭିଯୋଗ କରିଥିଲେ। ଇତିମଧ୍ୟରେ ୧ ବର୍ଷ ବିତିଯାଇଥିଲେ ମଧ କୌଣସି ସୁଫଳ ନ ପାଇବାରୁ ୨୦୨୪ ଜୁଲାଇ ୨୯ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆଇନଜୀବୀ ପଦ୍ମାଳୟା ମହାପାତ୍ର ମାମଲା ପରିଚାଳନା କରୁଥିଲେ।

# ଗଞ୍ଜାମ ମଦ ମୃତ୍ୟୁ ପରେ ପୁରୁଣା ରାୟପୁରରେ ଭୟ

ନୟାଗଡ଼,୨୨।୮ (ଲୋକନାଥ ମିଶ୍ର)

ଗଞ୍ଜାମ ଜିଲାରେ ମଦ ପିଇ ୨ଜଣଙ୍କର ମୃତ୍ୟୁ ଓ ୧୧ ଚିକିତ୍ସିତ ହେବା ଘଟଣା ନୟାଗଡ଼ ଜିଲା ସଦର ଥାନା ଅଧୀନ ଚାହାଳି ପଞ୍ଚାୟତ ପୁରୁଣା ରାୟପୁର ଗାଁରେ ଭୟର ବାତାବରଣ ଦେଖାଦେଇଛି। ଏଠାରେ ଜଣେ ଦେଶୀ ମଦ ବ୍ୟବସାୟୀ ୧୦ ବର୍ଷରୁ ଊର୍ଦ୍ଧ୍ୱ ହେବ ବେଆଇନ ଭାବେ ଦେଶୀ ମଦ ବ୍ୟବସାୟ କରି ଆସୁଥିଲେ ମଧ ଚଢ଼ାଉ କରାଯାଉ ନାହିଁ। ଅନ୍ୟପକ୍ଷେ ସଂପୃକ୍ତ ବ୍ୟବସାୟୀ ଅବାଧରେ ମଦ ବ୍ୟବସାୟ କରି ଧନୀ ହେବାରେ ଲାଗିଛନ୍ତି ବୋଲି ଅଭିଯୋଗ ରହିଛି। ପ୍ରକାଶଥାଉକି ଗଞ୍ଜାମ ଜିଲା ଚିକିଟି ବ୍ଲକ୍ ମାଉଦପୁର ଗ୍ରାମରେ ବିଷାକ୍ତ ମଦ ପିଇ ୧୬ ଆକ୍ରାନ୍ତଙ୍କ ମଧ୍ୟରୁ ୨ଜଣଙ୍କ ମୃତ୍ୟୁ ହୋଇଛି। ଅନ୍ୟପକ୍ଷେ ଏଥିରେ ଅଦ୍ୟାବଧି ୧୧ଜଣ ଚିକିତ୍ସାଧୀନ ଅଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ମୁନା



@ ରାଜଲକ୍ଷ୍ମୀ



@ ରାକେଶ



@ ସତ୍ୟନାରାୟଣ



@ ସୁନୀଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୨ କଲେଜରେ ଆଣ୍ଟିରାଗିଂ ମହିଳା ସ୍କ୍ୱାଡ୍

**ନୟାଗଡ଼,୨୨।୮ (ଲୋକନାଥ ମିଶ୍ର):** ଆଣ୍ଟିର୍‍ୟାଗିଂ ମହିଳା ସ୍କ୍ୱାର୍ଡ ଗୁରୁବାର ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଓ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟ ପରି ୨ ମହାବିଦ୍ୟାଳୟରେ ପହଞ୍ଚି ସଚେତନତା ସୃଷ୍ଟି କରିଛନ୍ତି। ଛାତ୍ରୀମାନେ କିଭଳି ସୁରକ୍ଷିତ ରହିବେ, କିଛି ସୁବିଧା ଅସୁବିଧା ହେଲେ ଆଣ୍ଟିର୍‍ୟାଗିଂ ମହିଳା ସ୍କ୍ୱାର୍ଡକୁ ଖବର ଦେବା ପାଇଁ ପରାମର୍ଶ ଦେଇଛନ୍ତି।

# ଅଙ୍ଗଦାନ କରିଥିବାରୁ ଗାର୍ଡ ଅଫ୍ ଅନର



ଶିବୁନ୍‌ଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଉଛି।

### ଛାତରୁ ଖସି ପ୍ରାଣ ହରାଇଥିଲେ ଯୁବକ

ନୟାଗଡ଼,୨୨।୮ (ଲୋକନାଥ ମିଶ୍ର)

ନୟାଗଡ଼ ପୁରୁଣାସହରର ଶିବୁନ୍ ସିଦ୍ଧାର୍ଥ ସାହୁ(୨୩)ଙ୍କ ମୃତ୍ୟୁ ପରେ ଅଙ୍ଗଦାନ କରିଥିବାରୁ ସ୍ଥାନୀୟ ଶ୍ମଶାନରେ ନୟାଗଡ଼ ଟାଉନ ଥାନା ପୋଲିସ ପକ୍ଷରୁ ଗୁରୁବାର ଅପରାହ୍ନରେ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଛି। ଭୁବନେଶ୍ୱର ଏମ୍‌ସରୁ ମୃତଦେହ ନୟାଗଡ଼ ପୁରୁଣାସହରରେ ପହଞ୍ଚିବା ପରେ ଶୋକର ଛାୟା ଖେଳି ଯାଇଥିଲା। ଶିବୁନ୍‌ଙ୍କ ଘର ସମ୍ମୁଖରେ ଲୋକାରଣ୍ୟ ହୋଇଥିଲା। ନୟାଗଡ଼ ପୁରୁଣାସହରର ଶିବୁନ୍ ନିଜ ମାଉସୀ ଝିଅଙ୍କ ସ୍ୱନକ୍ଷତ୍ର ଉତ୍ସବରେ ଯୋଗ ଦେବା ପାଇଁ ଗଣିଆ ବ୍ଲକର ଛାମୁଣ୍ଡିଆ ଗାଁକୁ ଯାଇଥିଲେ। ମାଉସୀ ଘରେ ଗତ ୭ ତାରିଖ ରାତିରେ ଶୋଇଥିବାବେଳେ ପରିଶ୍ରା ପାଇଁ ଯିବା ସମୟରେ ୨ମହଲା ଛାତରୁ ତଳକୁ ଖସିପଡି ଥିଲେ। ତାଙ୍କୁ ପ୍ରଥମେ ଗଣିଆ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥାରେ ଉନ୍ନତି ନ ଆସିବାରୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଭୁବନେଶ୍ୱର ଏମ୍‌ସକୁ ସ୍ଥାନାନ୍ତରିତ କରାଯାଇଥିଲା। ଏମ୍‌ସରେ ଚିକିତ୍ସିତ ହେଉଥିଲାବେଳେ ବୁଧବାର ପ୍ରାଣ ହରାଇଥିଲେ। ଯୁବକ ପୁଅକୁ ହରାଇ ବାପା ନିଜ ପୁଅର ଲିଭରକୁ ଦାନ କରିଥିଲେ। ଏନେଇ ମୃତକଙ୍କ ବାପା ପପି ସାହୁ ଓ ମା'ଜୟନ୍ତୀ ସାହୁ କୁହନ୍ତି, ଆମ ଗୋଟିଏ ପୁଅ ସବୁଦିନ ପାଇଁ ଛାଡି ଆମକୁ ଚାଲିଗଲା। ତେବେ ପୁଅ ସିନା ଚାଲିଗଲା ତା'ର ଅଙ୍ଗଦାନ କରି ଆମେ ଅନ୍ୟ ପାଇଁ ଉପକାର କରିବାକୁ ନିଷ୍ପତ୍ତି ନେଇ ଅଙ୍ଗଦାନ କରିବାକୁ ନିଷ୍ପତ୍ତି ନେଇଥିଲୁ।

# ରଙ୍ଗ ହଜିଗଲା ରଙ୍ଗମଞ୍ଚର

### ସେଦିନର ରଙ୍ଗମଞ୍ଚ ସ୍ଥାନରେ ଗଢ଼ି ଉଠିଛି ବାତ୍ୟା ଆଶ୍ରୟସ୍ଥଳୀ



ପୂର୍ବର ରଙ୍ଗମଞ୍ଚ।



ଏବେ ଗଢ଼ିଉଠିଥିବା ବାତ୍ୟା ଆଶ୍ରୟସ୍ଥଳୀ।

ଖଣ୍ଡପଡ଼ା,୨୨।୮ (ଅଜୟ କୁମାର ମହାରଣା)

ନାଟକ ଓ ଡ୍ରାମା ମାଧ୍ୟମରେ ଗ୍ରାମାଞ୍ଚଳର ଲୁକ୍କାୟିତ କଳାକାରମାନଙ୍କୁ ଲୋକଲୋଚନକୁ ଆଣିବାକୁ ଦୀର୍ଘ ୬୫ବର୍ଷ ପୂର୍ବେ ନୟାଗଡ଼ ଜିଲା କଣ୍ଟିଲୋଠାରେ ନିର୍ମାଣ କରାଯାଇଥିବା ନୀଳମାଧବ କ୍ଲବ୍ ରଙ୍ଗମଞ୍ଚ ଏବେ ତା'ର ରଙ୍ଗ ହଜାଇ ବସିଛି। ବିଗତ ଦିନର ସ୍ମୃତି ବହନ କରୁଥିବା ଏହି ରଙ୍ଗମଞ୍ଚ ଏବେ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ପାଲଟି ଯାଇଛି।

ଗ୍ରାମାଞ୍ଚଳ ନାଟ୍ୟ କଳାକାର ସେମାନଙ୍କ ପ୍ରତିଭାକୁ ବିକଶିତ କରି ନ ପାରି ବଣମଲ୍ଲୀ ବଣରେ ଝରିଯିବା ପରି ସେହି ଗ୍ରାମରେ ଲୁକ୍କାୟିତ ଭାବେ ରହିଥିଲେ। ଯୁବ କଳାକାରମାନଙ୍କ ପ୍ରତିଭାର ବିକାଶ ପାଇଁ ଦୀର୍ଘ ୬୦ ବର୍ଷ ପୂର୍ବରୁ କଣ୍ଟିଲୋର କଳାପ୍ରେମୀ ସ୍ୱର୍ଗତ ସ୍ୱପ୍ନେଶ୍ୱର ମହାରଣା,ସ୍ୱର୍ଗତ ରାମ ଚନ୍ଦ୍ର ମହାରଣା, ସ୍ୱର୍ଗତ ସ୍ୱାଧୀନତା ସଂଗ୍ରାମୀ ପରମାନନ୍ଦ ମିଶ୍ର, ସ୍ୱର୍ଗତ ଜଗନ୍ନାଥ ଦାସ, ତତ୍କାଳୀନ ସରପଞ୍ଚ ସ୍ୱର୍ଗତ ନରସିଂହ ମହାରଣା ପ୍ରମୁଖ ମିଳିତ ହୋଇ ୧୯୫୩ରେ ନୀଳମାଧବଜୀଉ ମନ୍ଦିର ପଶ୍ଚିମ ପାର୍ଶ୍ୱ ଚନ୍ଦନ ପୁଷ୍କରିଣୀ ନିକଟ ତଥା କଣ୍ଟିଲୋ ଅଞ୍ଚଳର କେନ୍ଦ୍ରସ୍ଥଳରେ ଥିବା ସରକାରୀ ଜାଗାରେ ଏକ ନାଟ୍ୟ ମଣ୍ଡପ ନିର୍ମାଣ କରିଥିଲେ। ଏହାକୁ 'ନୀଳମାଧବ କ୍ଲବ ରଙ୍ଗମଞ୍ଚ' ନାମରେ ନାମିତ କରାଯାଇଥିଲା। ସେହି ବର୍ଷ ସ୍ଥାନୀୟ ଅଞ୍ଚଳର ଯୁବ କଳାକାରଙ୍କୁ ନେଇ 'ନୀଳମାଧବ' ନାଟକ ମଞ୍ଚସ୍ଥ କରାଯାଇଥିଲା। ଉକ୍ତ ରଙ୍ଗମଞ୍ଚରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ କଳାକାରମାନେ ସେମାନଙ୍କ କଳା ପରିବେଷଣ କରି ଦର୍ଶକମାନଙ୍କ ମନୋରଞ୍ଜନ କରୁଥିଲେ। ନାଟକ ନିମନ୍ତେ କଳାକାରମାନଙ୍କ ଆଗ୍ରହ ତଥା ଉତ୍ସର୍ଗୀକୃତ ଭାବନା ଦେଖି ୧୯୫୯ରେ ତତ୍କାଳୀନ ସରପଞ୍ଚ ସ୍ୱର୍ଗତ ହରିହର ଦାସ ସ୍ଥାୟୀ କ୍ଲବ୍ ନିମନ୍ତେ ପଞ୍ଚାୟତ ପକ୍ଷରୁ ଅର୍ଥ ମଞ୍ଜୁର କରିଥିଲେ। ଏହି ରଙ୍ଗମଞ୍ଚରେ ଏକ ସଙ୍ଗେ ୫ ଶହରୁ ଊର୍ଦ୍ଧ୍ୱ ଦର୍ଶକଙ୍କ ବସିବା ନିମନ୍ତେ ଗ୍ୟାଲେରୀ,ଗ୍ରୀନ ରୁମ୍ ଓ ଟିକେଟ୍ ବିକ୍ରୟ ଗୃହର ବ୍ୟବସ୍ଥା ରହିଛି। କଣ୍ଟିଲୋ ଓ ଏହାର ଆଖ ପାଖ ଅଞ୍ଚଳର ବିଭିନ୍ନ ନୃତ୍ୟ, ଡ୍ରାମା ଓ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଅୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଏହି ରଙ୍ଗମଞ୍ଚରେ ପରିବେଷିତ ହୋଇଥାଏ। ଗ୍ରାମାଞ୍ଚଳର ଅନେକ ନାଟ୍ୟ କଳାକାର ଓ ନାଟ୍ୟକାର ଏହି ମଞ୍ଚରେ ସେମାନଙ୍କ କଳା ପ୍ରଦର୍ଶନ କରି ବିଭିନ୍ନ ରାଜାଙ୍କଠାରୁ ସମ୍ମାନିତ ହୋଇଛନ୍ତି। ତେବେ ସମୟାନୁକ୍ରମେ ଲୋକେ ଆଧୁନିକ ସିନେମା, ଟିଭି ସିରିଏଲ ପ୍ରତି ଆକୃଷ୍ଟହୋଇ ପୁରାତନ ନାଟକ,ଡ୍ରାମା ଓ ଲୋକକଳା ପ୍ରତି ବିମୁଖ ହେବାକୁ ଲାଗିଲେ। ଫଳରେ ଏହି ଗ୍ରାମାଞ୍ଚଳ ନାଟକ ପରମ୍ପରା ଆସ୍ତେ ଆସ୍ତେ ବୁଡିବାକୁ ବସିଲା। ଅପରପକ୍ଷେ ଏହି ନାଟକ ଓ ଡ୍ରାମା ମଞ୍ଚସ୍ଥ ହେବାରେ ବହୁ ଅର୍ଥର ଆବଶ୍ୟକତା ପଡୁଥିବାରୁ ଆୟୋଜକମାନେ ଏହି କାର୍ଯ୍ୟକ୍ରମରୁ ଦୂରେଇ ଗଲେ। ଏସବୁ ସମସ୍ୟା ଯୋଗୁ ସ୍ଥାନୀୟ ରଙ୍ଗମଞ୍ଚ ପରିତ୍ୟକ୍ତ ଅବସ୍ଥାରେ ପଡି ରହିଲା। କାଳକ୍ରମେ ରଙ୍ଗମଞ୍ଚ କାନ୍ଥ ବାଡ ଫାଟିବା ସହ ଦର୍ଶକ ଗ୍ୟାଲେରୀ ନଷ୍ଟ ହେଲାଣି। ପୁନଶ୍ଚ ରଙ୍ଗମଞ୍ଚର ଚତୁଃପାର୍ଶ୍ୱ ଜବରଦଖଲକାରୀଙ୍କ କବ୍‌ଜାରେ କବଳିତ ହେବାରେ ଲାଗିଥିଲା। ଏହି ରଙ୍ଗମଞ୍ଚର ରକ୍ଷଣାବେକ୍ଷଣ କିମ୍ବା ପୁନରୁଦ୍ଧାର କରିବାରେ ପଞ୍ଚାୟତ କର୍ତ୍ତୃପକ୍ଷ ଆନ୍ତରିକତା ପ୍ରକାଶ କରି ନ ଥିଲେ। ଏପରି ଏକ ଅନୁଷ୍ଠାନ ତଥା କଣ୍ଟିଲୋ ପଞ୍ଚାୟତ କେନ୍ଦ୍ରସ୍ଥଳରେ ଥିବା ଏହି ଜାଗା ନଷ୍ଟ ହେଉଥିବା ବେଳେ ଉକ୍ତ ଜାଗାକୁ ଭାଙ୍ଗି ଏଠାରେ ଏକ ଟାଉନ ହଲ ନିର୍ମାଣ କରାଯିବାକୁ ସାଧାରଣରେ ଦାବି ହୋଇ ଆସୁଥିଲା। ତେବେ ମହାନଦୀର ପ୍ରବଳ ବନ୍ୟା ସମୟରେ ବନ୍ୟା ଦାଉରୁ ରକ୍ଷା ପାଇବା ପାଇଁ ଲୋକେ ପାହାଡ଼ ଉପରେ ଥିବା ନୀଳମାଧବ ମନ୍ଦିର କିମ୍ବା ବିଭିନ୍ନ ଉଚ୍ଚ ସ୍ଥାନମାନଙ୍କୁ ଚାଲି ଯାଉଥିଲେ। ଏଣୁ ରାଜ୍ୟ ସରକାରଙ୍କ ଯୋଜନା କ୍ରମେ ଏଠାରେ ଏକ ବନ୍ୟା ଆଶ୍ରୟସ୍ଥଳୀର ଆବଶ୍ୟକ ଥିବାରୁ ପରିତ୍ୟକ୍ତ ଅବସ୍ଥାରେ ପଡିଥିବା ଏହି ରଙ୍ଗମଞ୍ଚକୁ ଭଙ୍ଗାଯାଇ ବହୁମୁଖୀ ବାତ୍ୟା ଆଶ୍ରୟ ସ୍ଥଳୀ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୫୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଛି। ପୂର୍ବ ସ୍ମୃତି ବହନ କରୁଥିବା ରଙ୍ଗମଞ୍ଚ ଏହାର ରଙ୍ଗ ହରାଇ ବସିଲା ବୋଲି ଏବେ ସାଧାରଣରେ ଆଲୋଚନା ହେଉଛି।

